Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୨୬, ଭୁବନେଶ୍ୱର, ୧୩ ରୁ ୧୯ ମେ', ୨୦୨୪ Vol-1, Issue-26, Bhubaneswar, 13 to 19 May , 2024




# ପ୍ରଥମ ପର୍ଯ୍ୟାୟରେ ୭୫.୦୩% ମତଦାନ

**ଭୁବନେଶ୍ୱର (ଭିଓଭି):** କାଁ ଭାଁ ଗଣ୍ଡଗୋଳ ଓ ବୁଥ ରିଗିଂ ଅଭିଯୋଗ ମଧ୍ୟରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମୋଟ ୪ଟି ଲୋକସଭା ଓ ୨୮ଟି ବିଧାନସଭା ପାଇଁ ମତଦାନ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆପାତତଃ ମୋଟ ୭୫.୦୩ପ୍ରତିଶତ ଭୋଟ୍ ପଡ଼ିଥିବାବେଳେ ବ୍ରହ୍ମପୁର ବିଧାନସଭାରେ ସବୁଠୁ କମ୍ ୫୪.୧୪% ଓ ନବରଙ୍ଗପୁର ବିଧାନସଭା ଆସନରେ ସର୍ବାଧିକ ୭୩.୪୪% ଭୋଟ୍ ପଡ଼ିଛି । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ରାତି ୧୦ଟା ୩୦ ସୁଦ୍ଧା ଓଡ଼ିଶାର ଭୋଟହାର ପରିମାଣ ଏହା ରହିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ଶାନ୍ତିଶୃଙ୍ଖଳାର ସହ ଭୋଟଗ୍ରହଣ ହୋଇଛି । ଅଳ୍ପ କିଛି ସ୍ଥାନରେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍, ବାଲାଟ ୟୁନିଟ୍ ଓ ଭିଭିପାଟରେ ତ୍ରୁଟି ଦେଖାଦେବାରୁ ମତଦାନ ସ୍ୱଳ୍ପ ସମୟ ପାଇଁ ବାଧାପ୍ରାପ୍ତ ରହିଥିଲା । କୋରାପୁଟ ଜିଲ୍ଲାର କୋଟିଆ ଅଂଚଳରେ ଚଳିତଥର ରେକର୍ଡ ପରିମାଣର ମତଦାନ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ଏଠାର ୯ଟି ବୁଥରେ ମୋଟ ୭୬ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି ।



ନିର୍ବାଚନ କମିଶନଙ୍କ ଆପ୍ ଅନୁସାରେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୬୧.୧୪%, କଳାହାଣ୍ଡିରେ ୬୮.୫୦%,କୋରାପୁଟରେ ୬୧.୪୩% ଓ ନବରଙ୍ଗପୁର ଲୋକସଭା ଆସନରେ ୬୮.୭୪% ମତଦାନ ହୋଇଛି । ସେହିପରି ବ୍ରହ୍ମପୁର ବିଧାନସଭା ଆସନରେ ୫୪.୧୪% ଭୋଟ ପଡ଼ିଥିବାବେଳେ ଭବାନୀପାଟଣାରେ ୬୨.୦୨%, ବିଷମକଟରେ ୬୭.୯୯%, ଛତ୍ରପୁରରେ ୫୪.୬୫%, ଚିକିଟିରେ ୬୦.୦୪%, ଚିତ୍ରକୋଣ୍ଡାରେ ୬୫.୦୧%, ଡାବୁଗାଁରେ ୭୧.୩୦%, ଦିଗପହଣ୍ଡିରେ ୬୨.୭୩%, ଗୁଣୁପୁରରେ ୫୭.୪୪%, ଜୟପୁରରେ୬୬.୫୮%, ଖଡ଼ିଆଳରେ ୭୨.୫୭%, ଜୋରାପୁଟରେ ୬୫.୬୭%, ଲକ୍ଷ୍ମୀପୁରରେ ୫୮.୬୬% ଓ ମାଲକାନଗିରି ବିଧାନସଭାରେ ୬୬.୬୦% ମତଦାନ ହୋଇଛି । ଏହି ଆପାତତଃ ମତଦାନ ହାର ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ନିର୍ବାଚନ କମିଶନଙ୍କ ଆପରେ ଅପଡେଟ୍ ହୋଇଥିବା ତଥ୍ୟ ଉପରେ ପର୍ଯ୍ୟବେସିତ ।

# ତାତି ବଢ଼ାଉଛି ବେଆଇନ ଇଟାଭାଟି

**ବେତନଟୀ** (ଭିଓଭି): ମୟୂରଭଞ୍ଜ ଜିଲ୍ଲା ବେତନଟୀ ତହସିଲ ଅଞ୍ଚଳ ଅଧୀନ ପାଟୁଳିପୁରା ପଞ୍ଚାୟତର ବିଭିନ୍ନ ସ୍ଥାନରେ ତଥା ବୈଶିଙ୍ଗା-ମାଣତ୍ରୀ ରାସ୍ତା ପାର୍ଶ୍ୱରେ ଏକାଧିକ ବେଆଇନ ଇଟାଭାଟି ପୋଡ଼ା ଚାଲିଛି । ବେତନଟୀ ଅଞ୍ଚଳରେ ଲଗାତାର କିଛି ଦିନ ହେବ ତାପମାତ୍ରା ୪୦ ଡିଗ୍ରି ପାଖାପଖି ରହୁଥିବା ବେଳେ ଇଟାଭାଟିରୁ ନିର୍ଗତ ନିଆଁ ପ୍ରକୋପରେ ଅସ୍ୱାଭାବିକ ଭାବେ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହୋଉଛି । ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି । ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଇଟାଭାଟି ନିଆଁ ଝାସ ଓ ଧୂଆଁ ଅଞ୍ଚଳବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି । ରାଜସ୍ୱ ବିଭାଗର କୌଣସି କଟକଣାକୁ ଖାତିର ନ କରି ଏହି ଅଞ୍ଚଳରେ ବେଆଇନ ଭାବେ ବ୍ୟବସାୟୀମାନେ ଇଟାଭାଟି ଚଳାଇଥିବା ଅଭିଯୋଗ ହୋଇ ଆସୁଛି । ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନି ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱ ଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି । ସରକାରଙ୍କ ରାଜସ୍ୱ ଆଇନ ଯେତେ କୋଠର ହେଉଛି ସମ



ପରିମାଣରେ ତୃଣମୂଳ ସ୍ତରରେ ରାଜସ୍ୱ ସଂଗ୍ରହ ଆଇନକୁ ଜଳାଞ୍ଜଳି ଦିଆଯାଯାଉଥିବା ଅଭିଯୋଗ ହେଉଛି । ବେଆଇନ କାରବାରକୁ ରୋକିବା ସହ ରାଜସ୍ୱ ସଂଗ୍ରହକୁ ଗୁରୁତ୍ୱ ଦିଆଯିବା ସହ ଜଳ ଜମି ଜଙ୍ଗଲ ଗ୍ରାମ ପରିବେଶ ସୁରକ୍ଷାକୁ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବେତନଟୀ ତହସିଲ ଅଞ୍ଚଳରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବେତନଟୀ ତହସିଲ ଅଧୀନ ପାଟୁଳିପୁରା ପଞ୍ଚାୟତରେ ସଠିକ ପରିବେଶ ମଞ୍ଜୁରୀ ନ ଥାଇ ମଧ୍ୟ ଏକାଧିକ ବେଆଇନ ଇଟାଭାଟି ଗଢ଼ି ଉଠିଥିଲା ବେଳେ ରାଜସ୍ୱ ବିଭାଗ କିଂକର୍ତ୍ତ୍ୟବ୍ୟବିମୁଢ଼ ଅବସ୍ଥା ରେ ଥିବା ପ୍ରତୀୟମାନ ହେଉଛି । ବେଆଇନ ଇଟାଭାଟି ମାଲିକଙ୍କ ଦବଦବା ସମ୍ମୁଖରେ ତହସିଲ ପ୍ରଶାସନ ନତମସ୍ତକ ହୋଇ ରହିବା ଅଞ୍ଚଳବାସୀଙ୍କୁ ଚକିତ କରିଛି । ସରକାରଙ୍କ ରାଜସ୍ୱ ଆଇନ ମୁତାବକ ଉପରଇଟାଭାଟି ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଚିମିନିଭାଟି ପାଇଁ ପ୍ରଦୂଷଣନିୟନ୍ତ୍ରଣ ବୋର୍ଡ ଶ୍ରମବିଭାଗର ମଞ୍ଜୁରୀ ପରିବେଶ ପ୍ରମାଣପତ୍ର ମାଇନିଂପ୍ଲାନ ପ୍ରମାଣପତ୍ର ଏବଂ ଜାନ୍ୱସତି ମଠ ମନ୍ଦିର ବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ନିର୍ଦ୍ଧାରିତ ଦୂରରେ ଇଟାଭାଟି ପାଇଁ ନିୟମ ଥିଲା ବେଳେ ସେସବୁକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ସେହିଭଳି ନଦୀ କୂଳରେ ଇଟାଭାଟି ପାଇଁ ନିର୍ଦ୍ଦେଶ ନ ଥିଲେ ମଧ୍ୟ ପ୍ରାୟ ଇଟାଭାଟି ନଦୀ କୂଳରେ ଚାଲିଛି । ଉକ୍ତ ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀକୁଳିଆ ଗ୍ରାମ ପାଟୁଳିପୁରା ଓ କାଠପାଳ ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଚିମିନି ଇଟାଭାଟିରେ ବେଆଇନ ଇଟା ପୋଡ଼ା ଚାଲିଛି । ତେବେ ପଡୋଶୀ ବାଲେଶ୍ୱର ଜିଲ୍ଲାରେ ଗଢି ଉଠିଥିବା ଏକାଧିକ ଇଟାଭାଟିକୁ ବେଆଇନ ଦର୍ଶାଇ ଜିଲ୍ଲା ପ୍ରଶାସନ ବନ୍ଦ କରିଦେଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏତେ ସଂଖ୍ୟକ ଇଟାଭାଟି କେଉଁ ଆଇନ ବଳରେ ଚାଲିଛି ଓ ତହସିଲ ପ୍ରଶାସନ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉନାହିଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟିକରିଛି । ତେବେ ଏହି ଅଞ୍ଚଳରେ ଗଢ଼ି ଉଠିଥିବା ଚିମିନିଭାଟି ଗୁଡ଼ିକ ବେଆଇନଭାବେ ସବୁ ଗାଇଡ଼ଲାଇନକୁ ଉଲ୍ଲଂଘନ କରି ଚାଲିଛନ୍ତି । ସୂଚନା ଅନୁଯାଇ ବେତନଟୀ ତହସିଲ ଅଧୀନ ଉକ୍ତ ଅଞ୍ଚଳରେ ଜଳ ବାୟୁ ପରିବେଶ ସମେତ ଆବଶ୍ୟକୀୟ ପଞ୍ଜୀକରଣ ପ୍ରମାଣ ନଥାଇ ଚିମିନିଭାଟି ଚାଲିଥିବା ବେଳେ ସେଥିପ୍ରତି ମଧ୍ୟ ଅଙ୍କୁଶ ନାହିଁ । ବେଆଇନ ଇଟାଭାଟି ଗୁଡ଼ିକରୁ ରୟାଲିଟି ଜରିମାନା ଜଳଭୂମିକର ଇଟାପ୍ରତି ଥିବା ଟ୍ୟାକ୍ସ ଅତି ସ୍ୱଳ୍ପ ପରିମାଣରେ ଓ ତାହା ଇଟାଭାଟି ମାଲିକଙ୍କ ଦୟାରେ ନିର୍ଭର କରୁଛି । ଗୋଟିଏ ପଟେ ପରିବେଶ ପ୍ରଦୂଷଣ ସହ ଏତେ ମାତ୍ରାରେ ବେଆଇନ ଇଟାଭାଟି ଅଞ୍ଚଳରେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି କରୁଥିବା ବେଳେ ଇଟାଭାଟିର ଧୂଆଁରେ ଜନଜୀବନ ପ୍ରଭାବିତ ହେବାରେ ଲାଗିଛନ୍ତି । ଅନ୍ୟପଟେ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ବେଧଡ଼କ ଇଟାପୋଡ଼ା ଯୋଗୁଁ ବିପୁଳ ରାଜସ୍ୱହାନୀ ସହ ଲଘୁଖଣିଜ ଦ୍ରବ୍ୟ ଆଇନ ସହ ରାଜସ୍ୱଆଇନ ଖୋଲାଖୋଲି ଉଲ୍ଲଂଘନ ହେବାରେ ଲାଗିଛି । ଉକ୍ତ ଅଞ୍ଚଳର କୌଣସି ଇଟାଭାଟିର ପ୍ରଦୂଷଣ ବୋର୍ଡର ମଞ୍ଜୁରୀ ନାହିଁ ବୋଲି କହିଛନ୍ତି ବାଲେଶ୍ୱର ପ୍ରଦୂଷଣ ବୋର୍ଡର କାର୍ଯ୍ୟରତ ଅଧିକାରୀ । ସେହିଭଳି ଏ ସମ୍ପର୍କରେ ମୟୂରଭଞ୍ଜ ଉପଜିଲ୍ଲାପାଳ ଈଶ୍ୱର ନାୟକଙ୍କୁ ପଚାରିବାରୁ ସେ କହିଥିଲେ କି ପୂର୍ବରୁ ତ ତାଙ୍କ ନିକଟରେ ଇଟାଭାଟି ଚାଲୁଥିବା ନେଇ ସୂଚନା ନଥିଲା ଓ ଏବେ ସମ୍ବାଦ ପ୍ରତିନିଧିଙ୍କ ଠାରୁ ଖବର ପାଇ ସ୍ଥାନୀୟ ତହସିଲଦାରଙ୍କୁ ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପଠାଇ ଅନୁସନ୍ଧାନ କରାଉଛି ।

୧୩ ରୁ ୧୯ ମେ’ ୨୦୨୪

# ସୁରକ୍ଷିତ ଗଣତନ୍ତ୍ର : ପରିବର୍ତ୍ତନ ଜନାଦେଶ

ଜାତିର ଜନକ ମହାତ୍ମାଗାନ୍ଧି ଏକଦା କହିଥିଲେ – “ଗଣତନ୍ତ୍ରକୁ ସୁରକ୍ଷିତ ରଖିବାକୁ ହେଲେ ଗଣତନ୍ତ୍ରକୁ ସ୍ୱାଧୀନତା, ସ୍ୱାଭିମାନ ଓ ସେମାନଙ୍କର ଭିତରର ଗଭୀରତାକୁ ଅନୁଭବ କରିବାକୁ ହେବ।” ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମତ ସବୁଠାରୁ ବଡ଼ ଓ ଏହାର ଗୁରୁତ୍ୱ ସବୁଠୁ ଊର୍ଦ୍ଧ୍ୱରେ। ନିଜକୁ ଜୋରଜବରଦସ୍ତ ଅନ୍ୟମାନଙ୍କ ଉପରେ ଲଦିଦେଲେ ଏହାକୁ ବହୁତ ଦିନ ପର୍ଯ୍ୟନ୍ତ କେହି ଗ୍ରହଣ କରିପାରିବେ ନାହିଁ। ଓଡ଼ିଶାରେ ଚଳିତ ଥର ଜନମତ ବଦଳିବାକୁ ଯାଉଛି। ଦୀର୍ଘ ୨୫ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡ଼ି ଆଜି ଯେଉଁଭଳି ସତ୍ତା ବିରୋଧୀ ଜନମତକୁ ସାମ୍ନା କରୁଛି ଏହା ପୂର୍ବରୁ କେବେ ଦେଖାଦେଇନଥିଲା। ବିଜୁ ଜନତା ଦଳ ବା ସେହିଭଳି ଯେକୌଣସି ଆଞ୍ଚଳିକ ଦଳର ଉତ୍ପତ୍ତି ଅତ୍ୟଧିକ କେନ୍ଦ୍ରୀୟ ନିୟନ୍ତ୍ରଣର ବିରୋଧରେ ପ୍ରତିବାଦ ହୋଇଥାଏ। ଦଳର ଏହି ତଥାକଥିତ ହାଇକମାଣ୍ଡ ବା ସର୍ବୋଚ୍ଚ ନେତୃତ୍ୱ ସବୁବେଳେ ଦଳକୁ ଓ ଦଳୀୟ ନିଷ୍ପତ୍ତିକୁ ନିଜ ଲଗାମରେ ରଖିବାକୁ ଚାହିଁଥାନ୍ତି। ବାସ୍ତବ କଥା ହେଉଛି ଆଞ୍ଚଳିକଗୁଡ଼ିକ ସ୍ଥାନୀୟ ସ୍ତରରେ ଲୋକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନେତୃତ୍ୱର ବିକେନ୍ଦ୍ରୀକରଣ କରିଥାନ୍ତି। ଯାହାଦ୍ୱାରା ଏକ ଆଞ୍ଚଳିକ ଆବଶ୍ୟକତା ଏହି ବିକେନ୍ଦ୍ରିତ ନେତୃତ୍ୱ ମାଧ୍ୟମରେ ପ୍ରତିଫଳିତ ହୋଇ ସମସ୍ୟାର ସମାଧାନ କରାଯାଇଥାଏ। ଲୋକମାନଙ୍କର ବିଶ୍ୱାସ ଥାଏ ଯେ ଲୋକପ୍ରତିନିଧି ବ୍ୟବସ୍ଥାରେ ଏସବୁ ସମ୍ଭବ ହୋଇଥାଏ। ଓଡ଼ିଶାରେ ବିଜୁବାବୁଙ୍କୁ ଜଣେ କିମ୍ବଦନ୍ତୀ ରାଷ୍ଟ୍ରନେତା, ଜନନେତା ଭାବେ ଗ୍ରହଣ କରାଯାଏ। କିନ୍ତୁ ତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାପାଇଁ ତିଆରି ହୋଇଥିବା ବିଜେଡ଼ିକୁ ସ୍ୱପ୍ନ ପୂରଣ ପାଇଁ ୨୫ ବର୍ଷ ଲାଗିଗଲା। ଭାରତରେ ବିଭିନ୍ନ ଆଞ୍ଚଳିକ ଦଳ ସେତେଟା ମଜବୁତ ହୋଇପାରିନାହିଁ। କାରଣ ଲୋକମାନେ ଶାସନରେ ଏକ ସଙ୍ଗଠିତ ସଶକ୍ତ ଓ ଲୋକପ୍ରିୟ ଜାତୀୟ ଦଳକୁ ଗ୍ରହଣ କରିଥାନ୍ତି। ଏହି କ୍ରମରେ ଦେଖିଲେ ଓଡ଼ିଶାରେ ବିଜେଡ଼ି କିନ୍ତୁ ଏକ ଅଦ୍ଭୁତ ପ୍ରସଙ୍ଗକୁ ସାମ୍ନା କରୁଛି। ବିଜୁବାବୁଙ୍କ ଦାୟାଦ ହିସାବରେ ନବୀନ ବାବୁ ହିଁ ବିଜେଡ଼ିର ସବୁକିଛି। କିନ୍ତୁ ଓଡ଼ିଶାବାସୀ ଜାଣନ୍ତି ଯେ ବିଜୁବାବୁ କେବଳ ନବୀନବାବୁ ନୁହଁ ରାଜନୀତିକୁ ତାଙ୍କ ପରିବାରରୁ କାହାକୁ ଆଣିବାକୁ ଚାହୁଁନଥିଲେ। ତେବେ ୨୫ ବର୍ଷ ଭିତରେ ନବୀନ ବାବୁ ତାଙ୍କ ପରବର୍ତ୍ତୀ ମୁରବୀ ଭାବେ ଦଳରେ କିମ୍ବା ଦଳ ବାହାରୁ କାହାକୁ ବି ପ୍ରସ୍ତୁତ କରିପାରିଲେ ନାହିଁ। ତେବେ ଏକ ବିଚିତ୍ର ମାନସିକ ଘଟଣାକ୍ରମରେ ଜଣେ ଅଣଓଡ଼ିଆ ଅଫିସର ଆଜି ରାଜ୍ୟ, ଦଳ ଓ ପ୍ରଶାସନକୁ ଚଳାଉଛନ୍ତି। ପ୍ରାୟ ୩୦ ବର୍ଷ ହେଲା ଦଳରେ ଯେ କି ଆଉ ନେତା ନାହାନ୍ତି ଏହା ବେଶ୍ ଜଳଜଳ। ରାଜନୀତିରେ ଶାସକ ଦଳ ପ୍ରାୟତଃ ସବୁବେଳେ ଭଲ ସ୍ଥିତି ଓ ସୁବିଧାରେ ଥାଆନ୍ତି। ଅଥଚ ଏ ଯାବତ ଦଳ ପ୍ରାର୍ଥୀ ସ୍ଥିର କରିପାରୁନି। ଅନ୍ୟ ଦଳରୁ ଆସିଥିବା ଆମଦାନି ନେତାମାନଙ୍କୁ ରାତାରାତି ଟିକେଟ ଦିଆଯାଉଛି। ଅଥଚ ବର୍ଷ ବର୍ଷ ଧରି ପାଟି ଫିଟାଉନଥିବା ଅଥଚ ନିଜ ଅଞ୍ଚଳରେ ଦଳ ପାଇଁ ଜି ଜାନ୍ ଲଗାଇ ଦେଇଥିବା ପୁରୁଣା କର୍ମୀମାନଙ୍କୁ ଆଉ ପଚାରୁନାହାନ୍ତି। ଯାହାଫଳରେ ଦଳରେ ଏକ ବିରାଟ ବିଦ୍ରୋହ ମଧ୍ୟ ସୃଷ୍ଟି ହେଲାଣି। ଓଡ଼ିଶାରେ ବିଜେଡ଼ି ଦଳ ଯାଜପୁରକୁ ତାର ଏକ ଗଡ଼ ଭାବେ ବାହାରକୁ ଚିତ୍ରିତ କରୁଥାଏ। ତେବେ ଏହି ନିର୍ବାଚନ ମଣ୍ଡଳୀର ଅନେକ ଗୁରୁତ୍ୱ ରଖୁଥିବା ବଡ଼ଚଣା ନିର୍ବାଚନ ମଣ୍ଡଳୀ କଥା ଏଠାରେ ଉଦାହରଣ ଭାବେ ରଖୁଛୁ। ବିଜେପି ଯଥେଷ୍ଟ ପୂର୍ବରୁ ତାର ପୁରୁଣା ପ୍ରାର୍ଥୀ ଅନୁଭବୀ, ଦକ୍ଷ, ନିଷ୍କଳଙ୍କ ଓ ଯୁବ ଚେହେରା ଅମର ନାୟକଙ୍କୁ ପ୍ରାର୍ଥୀ କରିସାରିଛି। କିନ୍ତୁ ଏଠାରେ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ଚୂଡ଼ାନ୍ତ ହୋଇପାରୁ ନାହିଁ। ବର୍ତ୍ତମାନର ବିଧାୟକ ପ୍ରାର୍ଥୀ ହେବେ କିମ୍ବା ତାଙ୍କ ପୁଅଙ୍କ ପାଇଁ ଟିକେଟ ନେବେ କିମ୍ବା ଅନ୍ୟ କେହି ପାଇବେ ଏପରିକି କିଛି ସମୟ ତଳୁ କଂଗ୍ରେସରୁ ଡେଇଁଥିବା ଜଣେ ବଡ଼ ନେତାଙ୍କ ପୁଅ ଟିକେଟ ପାଇବେ କି ଅନ୍ୟ କିଏ ପାଇବେ ତାହା ଏଯାବତ୍ ସମାଧାନ ହୋଇପାରୁ ନାହିଁ। ରାଜ୍ୟ ସାରା ଅନେକ ନିର୍ବାଚନ ମଣ୍ଡଳୀର ପରିସ୍ଥିତି ଏହିପରି ରୋଚକ ମୋଡ଼ରେ ପହଞ୍ଚିଛି। ଏ କ୍ଷେତ୍ରରେ କିନ୍ତୁ ବିଜେପି ବେଶ୍ ଆଗୁଆ। ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ବିଜେଡ଼ିର ଦଳର ମୁଖିଆ କେବଳ ମୁଖିଆ ହୋଇ ରହିଯାଇଛନ୍ତି। କିନ୍ତୁ ଅଣଓଡ଼ିଆ ଛାୟାମୁଖିଆଙ୍କ ଦର୍ଶନ କାହାଙ୍କୁ ସହଜେ ମିଳେନାହିଁ। ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କଠାରୁ ଦୂରେଇ ରହିବା ସହ ଦଳର ଲୋକମାନେ ତାଙ୍କୁ ସାକ୍ଷାତ୍ କରିପାରୁ ନାହାଁନ୍ତି। କି ବିଚିତ୍ର ପରିସ୍ଥିତି ଟିକିଏ ଲକ୍ଷ୍ୟ କରନ୍ତୁ। ଦଳ ଛାଡୁଥିବା ଲୋକମାନେ କହୁଛନ୍ତି ଯେ ଦଳରେ ଗଣତନ୍ତ୍ର ବୋଲି କିଛି ନାହିଁ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ



# ଲିଭର ପ୍ରତିରୋପଣ

**ପ୍ରଫେସର ଡାଃ. ଉମେଶ ଚନ୍ଦ୍ର ପାତ୍ର**

ରାଜ୍ୟ ଚିକିତ୍ସା ବିଜ୍ଞାନରେ ନୂଆ ଇତିହାସ ଯୋଡ଼ିଛି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ। ସମଗ୍ର ପୂର୍ବ ଭାରତରେ ସରକାରୀ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ମାଗଣାରେ ଲିଭର ପ୍ରତିରୋପଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପ୍ରଥମ ହୋଇଛି। ହାଇଦ୍ରାବାଦ ସ୍ଥିତ ଏଆଇଜିର ଟିମ ଓ ଏସସିବିର ଡାକ୍ତର ମାନଙ୍କ ମିଳିତ ଉଦ୍ୟମରେ ଏହି ପ୍ରତିରୋପଣ ସମ୍ଭବ ହୋଇଛି। ଦୀର୍ଘ ବାରବର୍ଷ ଧରି ଲିଭର ପ୍ରତିରୋପଣ କ୍ଷେତ୍ରରେ ଯେଉଁ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏହା ସଫଳ ହୋଇ ନୂଆ ଇତିହାସ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତିଗିରିଆର ଜଣେ ରୋଗୀଙ୍କ ଠାରେ ତାଙ୍କ ସ୍ତ୍ରୀଙ୍କ ଲିଭର ସଫଳତାର ସହ ପ୍ରତିରୋପିତ ହୋଇଛି। ଏଥି ନିମନ୍ତେ ଆଠଘଣ୍ଟାର ଅସ୍ତ୍ରୋପଚାର ହୋଇଥିବାବେଳେ ଏଆଇଜିର ନଅ ଜଣିଆ ଟିମ ଏଥିପାଇଁ ପ୍ରସ୍ତୁତ ରହିଥିଲେ।

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ ଗ୍ରନ୍ଥି । ଏହା ପାଚନ ପ୍ରକ୍ରିୟାରେ ସହାୟକ ଏକାଧିକ ପାଚନ ରସ ସୃଷ୍ଟି କରେ । ଏହା ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ କରିଥାଏ । ଖାଦ୍ୟ, ଔଷଧ ଓ ବିଭିନ୍ନ ହରମୋନ୍ ଇତ୍ୟାଦି ଯକୃତରେ ହଜମ ହୋଇଥାଏ । ଯକୃତ ପିତ୍ତରସ କ୍ଷରଣ କରେ ଯାହା ଚର୍ବି ଓ ଭିଟାମିନ୍ ହଜମରେ ସାହାଯ୍ୟ କରେ । ଶରୀରର ସମସ୍ତ ପ୍ରୋଟିନ୍ ଯକୃତରେ ତିଆରି ହୁଏ । ରୋଗ ପ୍ରତିରୋଧ ଶକ୍ତି ନିୟନ୍ତ୍ରଣରେ ଯକୃତର ପ୍ରମୁଖ ଭୂମିକା ରହିଛି।

ଲିଭର ବା ଯକୃତ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ଟ୍ରାନ୍ସପ୍ଲାଣ୍ଟ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି। ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ – ପାଞ୍ଚ ପ୍ରକାରର। ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ। ଏହାର ଲକ୍ଷଣ ପ୍ରାୟ ଚାରିସପ୍ତାହ ଜାରି ରହେ। ରୋଗୀକୁ ବାନ୍ତି ଏବଂ ଜ୍ୱର ହୁଏ। ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ଯକୃତ ଖରାପ ହେବାର ଦଶଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗେ। ହେପାଟାଇଟିସ୍ ବି ଏବଂ ସି ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କେସ୍‌ରେ ଏକାମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା



କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ଛ’ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ ହଳଦିଆ ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି। ଏହା ଯକୃତକୁ ସଂକୁଚିତ କରିଦିଏ। ଠିକ୍ ସମୟରେ ଚିକିତ୍ସା ନପାଇଲେ ଧୀରେ ଧୀରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ହେବାର ମଧ୍ୟ ଆଶଙ୍କା ରହିଛି। ବର୍ତ୍ତମାନ ଯକୃତ ସମ୍ପୃକ୍ତ ରୋଗ ଦୃତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ, ହେପାଟାଇଟିସ୍ ବି ଓ ସି ସଂକ୍ରମଣ, ଲିଭର ଶିରା-ପ୍ରଶିରାରେ ରକ୍ତ ସଞ୍ଚାଳନ ରୁଦ୍ଧ ହେବା, ଫେଟି ଲିଭର ରୋଗ, ବିଲିଆରୀ ସିରୋସିସ୍, ସ୍କେଲେରୋଜିଂ କୋଲାଞ୍ଜାଇଟିସ୍, ଜନ୍ମଗତ ଲିଭର ରୋଗ, ଅଟୋଇମ୍ୟୁନ୍ ଲିଭର ସଂକ୍ରମଣ, ବିଲିୟାରୀ ଏଟ୍ରେସିଆ, ହେପାଟୋବ୍ଲାଷ୍ଟୋମା ଓ ଲିଭର କ୍ୟାନସର ଇତ୍ୟାଦି ଲିଭର ରୋଗର ମୁଖ୍ୟ କାରଣ । ଏହିସବୁ ରୋଗରେ ଆକ୍ରାନ୍ତ ହୋଇ ଯେତେବେଳେ ଯକୃତ ଅକର୍ମଣ୍ୟ ହୋଇଯାଏ ବା ଲିଭର ତାର ନିଜସ୍ୱ କର୍ମ କରିବାରେ ଅସଫଳ ହୁଏ ସେତେବେଳେ ଲିଭର ପ୍ରତିରୋପଣ ଆବଶ୍ୟକ ହୋଇଥାଏ । ବିଭିନ୍ନ ଔଷଧ ମାଧ୍ୟମରେ ଚିକିତ୍ସା କଲେ ମଧ୍ୟ ସମ୍ପୂର୍ଣ୍ଣ ଆରୋଗ୍ୟ ନିମିତ୍ତ ଲିଭର ପ୍ରତିରୋପଣ ନିହାତି ଆବଶ୍ୟକ । ଲିଭର ସିରୋସିସ୍, ଲିଭର କ୍ୟାନସର ଓ ଲିଭର ଫେଲ୍ୟୁଓର୍ ଇତ୍ୟାଦି ରୋଗର ଆରୋଗ୍ୟ ନିମିତ୍ତ ଲିଭର ଟ୍ରାନ୍ସପ୍ଲାଣ୍ଟ ବା ଯକୃତ ପ୍ରତିରୋପଣ ଏକାନ୍ତ ଆବଶ୍ୟକ।

ଲିଭର ପ୍ରତିରୋପଣ ହେଉଛି ଏକ ରୋଗାକ୍ରାନ୍ତ ଲିଭରକୁ ରୋଗୀର ଶରୀରରୁ ବାହାର କରି ସେହି ସ୍ଥାନରେ ଏକ ସୁସ୍ଥ ଲିଭର ବା ତାହାର କିଛି ଅଂଶକୁ ଏକ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ରଖିବାର ପଦ୍ଧତି । ସମ୍ପୂର୍ଣ୍ଣ ଯକୃତ ବା ତାହାର ଅର୍ଦ୍ଧେକ ଅଂଶକୁ ଏକ ବ୍ରେନ ଡ଼େଡ୍ ବା ସୁସ୍ଥ ବ୍ୟକ୍ତି ଦେହରୁ ଅସ୍ତ୍ରୋପଚାର ମାଧ୍ୟମରେ ଆଣି ରୋଗୀର ଶରୀରରେ ରଖିବାର ପଦ୍ଧତିକୁ ଲିଭର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଏହି ପ୍ରତିରୋପଣ ହେଉଛି ଏକ ଜୀବନ ରକ୍ଷାକାରୀ ଚିକିତ୍ସା ପଦ୍ଧତି ଯାହା ରୋଗୀକୁ ଏକ ନୂତନ ଜୀବନ ପ୍ରଦାନ କରିଥାଏ । ଆକସ୍ମିକ ଦୁର୍ଘଟଣାରୁ ଯେଉଁ ବ୍ୟକ୍ତିମାନେ ବ୍ରେନ୍ ଡେଡ୍ ହୋଇଯାନ୍ତି ସେମାନଙ୍କର ଶରୀରରୁ ସୁସ୍ଥ ଲିଭର, କିଡ୍‌ନୀ, ଫୁସ୍‌ଫୁସ୍, କର୍ଣ୍ଣିଆ ଓ ଖାଦ୍ୟନଳୀ ବାହାର କରି ରୋଗୀମାନଙ୍କ ଶରୀରରେ ରଖାଯାଏ, ଯାହାକୁ ମୃତ ଡ଼ୋନ୍‌ର ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଯେତେବେଳେ ସୁସ୍ଥ ବ୍ୟକ୍ତି ତାଙ୍କର ଅର୍ଦ୍ଧେକ ଲିଭର ତାଙ୍କର ସମ୍ପର୍କୀୟ ରୋଗୀମାନଙ୍କୁ ଦାନ କରନ୍ତି ସେ କ୍ଷେତ୍ରରେ ଜୀବନ୍ତ ଡୋନର୍ ଟ୍ରାନ୍ସପ୍ଲାଣ୍ଟ କୁହାଯାଏ । ଲିଭର ହେଉଛି ଶରୀରର ଏକମାତ୍ର ଗ୍ରନ୍ଥି ଯାହାର ଅସାଧାରଣ ରିଜେନେରେଟିଭ (ବୃଦ୍ଧି) ଶକ୍ତି ରହିଛି । ସେଥିପାଇଁ ଅର୍ଦ୍ଧେକ ଲିଭର ଯାହା ଦାନ କରାଯାଏ ତାହା ୧-୨ ମାସ ମଧ୍ୟରେ ଉଭୟ ଗ୍ରହୀତା ଓ ଦାତାଙ୍କ ଶରୀରରେ ବୃଦ୍ଧି ପାଇ ସାଧାରଣ କର୍ମଦକ୍ଷତାକୁ ଫେରି ଆସେ।

ପ୍ରତିରୋପଣ କେନ୍ଦ୍ରରେ ସାଧାରଣତଃ ପ୍ରତିରୋପଣ କରୁଥିବା ସର୍ଜନ, ଲିଭର ବିଶେଷଜ୍ଞ, ରେଡ଼ିଓଲଜିଷ୍ଟ, ପାଥୋଲଜିଷ୍ଟ, ବାଓକେମିଷ୍ଟ୍ରି ବିଶେଷଜ୍ଞ, ଟ୍ରାନ୍ସଫ୍ୟୁଜନ ବିଶେଷଜ୍ଞ, ମାଇକ୍ରୋବାୟୋଲଜିଷ୍ଟ, କ୍ରିଟିକାଲ କେୟାର ସ୍ପେଶାଲିଷ୍ଟ, ପଲମ୍ୟୁନାରୀ ବିଶେଷଜ୍ଞ ଓ ଆନାସ୍ଥେସିଆ ବିଶେଷଜ୍ଞ ଇତ୍ୟାଦି ବିଭିନ୍ନ ବିଭାଗର ଚିକିତ୍ସକମାନେ ରହି ଏକ ସମ୍ମିଳିତ ଉଦ୍ୟମରେ ଏହି ପ୍ରକ୍ରିୟାକୁ ଆଗେଇ ନିଅନ୍ତି । ପ୍ରତିରୋପଣ କ୍ଷେତ୍ରରେ ଦାତା (ଡୋନର) ଓ ଗ୍ରହୀତା (ରସିପିଏଣ୍ଟ) ଉଭୟଙ୍କର ସମସ୍ତ ପ୍ରକାର ପରୀକ୍ଷା କରାଯାଏ । ସାଧାରଣତଃ ନିଜ ପରିବାର ବା ରକ୍ତ ସମ୍ପର୍କୀୟମାନେ ରୋଗୀ ନିମିତ୍ତ ଯକୃତ ଦାନ କରିଥାନ୍ତି । ବିଶେଷ କ୍ଷେତ୍ରରେ ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଲିଭର ଦାନ କରିପାରନ୍ତି ଯଦି ତାଙ୍କର ରକ୍ତ ସହ ରୋଗୀର ରକ୍ତ ମେଳ ଖାଏ । ଉଭୟ ଦାତା ଓ ଗ୍ରହୀତାଙ୍କର ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା, ଅଲଟ୍ରାସାଉଣ୍ଡ, ଏକ୍ସରେ, ସିଟି ସ୍କାନ, ଏମ୍.ଆର.ଆଇ, ଇସିଜି, ଇକୋକାର୍ଡିଓଗ୍ରାଫି, ଏଞ୍ଜିଓଗ୍ରାଫି ଦାନ୍ତ ପରୀକ୍ଷା ଓ ମହିଳାମାନଙ୍କ କ୍ଷେତ୍ରରେ ମାମୋଗ୍ରାଫି ଇତ୍ୟାଦି ପରୀକ୍ଷା କରାଯାଏ । ଯକୃତର ପରିମାଣ ମାପିବା ପାଇଁ ବିଭିନ୍ନ ପ୍ରକାର ଏମ୍.ଆର୍.ଆଇ ପରୀକ୍ଷା କରାଯାଏ । ତାହା ସହିତ ଗ୍ରହୀତାର ମାନସିକ, ଆର୍ଥିକ ଓ ସାମାଜିକ ଅବସ୍ଥାକୁ ମାନସିକ ବିଶେଷଜ୍ଞମାନେ ଅନୁଧ୍ୟାନ କରନ୍ତି।

ଯଦି କୌଣସି ବ୍ୟକ୍ତିର ଜୀବାଣୁ ସଂକ୍ରମଣ, ହୃତ୍‌ପିଣ୍ଡ, କିଡ୍‌ନୀ, ଫୁସ୍‌ଫୁସ. ବୃକକ୍‌ର ରୋଗ ବା କ୍ୟାନସର ଇତ୍ୟାଦି ରୋଗ ଥାଏ ସେମାନେ ପ୍ରତିରୋପଣ ପାଇଁ ଉପଯୁକ୍ତ ହୁଅନ୍ତି ନାହିଁ । ଯେଉଁ ରୋଗୀମାନେ ମଦ୍ୟପାନ କରନ୍ତି ଅନ୍ତତଃ ୬ ମାସ ସେମାନେ ମଦ୍ୟପାନରୁ ନିବୃତ୍ତ ହେବା ଆବଶ୍ୟକ । ଉଭୟ ଦାତା ଓ ଗ୍ରହୀତାଙ୍କର ଏକ ସାଙ୍ଗରେ ୨ଟି ଟେବୁଲରେ ଅସ୍ତ୍ରୋପଚାର କରାଯାଏ । ଅସ୍ତ୍ରୋପଚାର କକ୍ଷରେ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଦାତାଙ୍କ ଦେହରୁ ଯକୃତର ଅର୍ଦ୍ଧେକ ଅଂଶ କାଟି ବାହାର କରନ୍ତି । ଆଉ ଏକ ଟିମ୍ ରୋଗୀର ଦେହରୁ ରୋଗଗ୍ରସ୍ତ ଲିଭରକୁ ବାହାର କରନ୍ତି । ତାପରେ ନୂଆ ଲିଭର ଆସିଲେ ରୋଗୀର ଦେହରେ ତାହା ରଖି ତାର ରକ୍ତ ନଳୀ, ପିତ୍ତନଳୀ ଓ ଅନ୍ୟାନ୍ୟ ରକ୍ତ ଶିରା ସହିତ ଯୋଗାଯୋଗ ରକ୍ଷା କରନ୍ତି, ଯାହାଫଳରେ ନୂଆ ଲିଭରକୁ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଯାଏ । ଅପାରେସନ୍ ପରେ ରୋଗୀ ସାଧାରଣତଃ ୧ ସପ୍ତାହ ଆଇ.ସି.ୟୁ.ରେ ୨୪ ଘଣ୍ଟା ପରୀକ୍ଷା ନିରୀକ୍ଷା ଭିତରେ ରହେ । ଧୀରେ ଧୀରେ ରୋଗୀ ଭେଣ୍ଟିଲେଟରରୁ ବାହାରି ଆସେ ଓ ଆରୋଗ୍ୟ ଲାଭ କରେ।

ଲିଭର ପ୍ରତିରୋପଣ ହେବାପରେ ସମ୍ପୃକ୍ତ ଲୋକ ଜଣଙ୍କ ସ୍ୱାଭାବିକ ଜୀବନ ବିତାଇ ପାରିବେ। ତେବେ ସେମାନଙ୍କୁ ଅନେକ କିଛି ସ୍ୱାସ୍ଥ୍ୟଗତ ଭାବେ ଏକ ରୁଟିନ ବନ୍ଧା ନିୟମକୁ ମାନିବାକୁ ପଡ଼ିବ। ସେମାନେ ପୂର୍ବପରି ମନଇଚ୍ଛା ଖାଦ୍ୟ, ପାନୀୟ ବା ଅନ୍ୟ ଔଷଧ ଗ୍ରହଣ କରିପାରିବେ ନାହିଁ। ସେମାନେ ନିୟମିତ ବ୍ୟବଧାନରେ ପ୍ରତିରୋପଣ କରିଥିବା ଡାକ୍ତର କିମ୍ବା ହେପାଟୋଲୋଜି ବିଶେଷଜ୍ଞଙ୍କ ପରାମର୍ଶରେ ରହିବା ଅତ୍ୟନ୍ତ ଜରୁରୀ। ସମ୍ପୂର୍ଣ୍ଣ ରୂପେ ସୁଷମ ଖାଦ୍ୟ, ସବୁଜ ପନିପରିବା, ତଟକା ପନିପରିବା, ବିଶୋଧିତ ପାଣି ଗ୍ରହଣ କରିବା ସହ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ଆମିଷ ଖାଦ୍ୟ ଠାରୁ ଦୂରେଇ ଖୁବ ଭଲ। କୌଣସି ପରିସ୍ଥିତିରେ ରାତି ଅନିଦ୍ରା ହେବା, ଅତ୍ୟଧିକ ବ୍ୟାୟାମ କରିବା, ପାହାଡ଼ ଚଢ଼ିବା, ଫାଷ୍ଟଫୁଡ ବା ଥଣ୍ଡା ଜାତୀୟ ଖାଦ୍ୟ, ଫ୍ରିଜ ଖାଦ୍ୟ ଏସବୁ ଠାରୁ ଦୂରେଇ ରହିବା ଜରୁରୀ। ଅତ୍ୟଥିକ ଶାରୀରିକ ପରିଶ୍ରମ କରିବା ଠାରୁ ଦୂରେଇ ରହିବା ସହ ମାନସିକ ଭାବେ ନିଜକୁ ସୁସ୍ଥ ରଖିବା ଜରୁରୀ। ବ୍ୟାୟାମ ଅଭ୍ୟାସ ହେଉ ବା ଅନ୍ୟ କୌଣସି ଶାରୀରିକ ଅଭ୍ୟାସ ଡାକ୍ତର ପରାମର୍ଶରେ ଗ୍ରହଣ କରିବେ। ବାହାରକୁ ଯାତ୍ରା କରୁଥିଲେ ନିଜ ଔଷଧ ପତ୍ର ସହ ଶାରୀରିକ ଭାବେ ଖାଦ୍ୟ ଓ ବିଶ୍ରାମକୁ ଗୁରୁତ୍ୱ ଦେବା ଜରୁରୀ। କାରଣ ଲିଭର ପ୍ରତିରୋପଣ ହେବାପରେ ଅନେକ କ୍ଷେତ୍ରରେ କିଛି ଶାରୀରିକ ଅସୁସ୍ଥତା ବା ପାର୍ଶ୍ୱପ୍ରତିକ୍ରିୟା ମଧ୍ୟ ଦେଖାଦେବାର ସମ୍ଭାବନା ଥାଏ। କେତେକ କ୍ଷେତ୍ରରେ ଖାଦ୍ୟ ଅରୁଚି ଲାଗିଥାଏ, ଶାରୀରିକ ଭାବେ ଅସ୍ୱସ୍ତିକର ଲାଗିଥାଏ ତେବେ ଏସବୁକୁ ନେଇ ମାନସିକ ଭାବେ କୌଣସି ବିଚଳିତ ନ ହୋଇ ଡାକ୍ତରଙ୍କ ପରାମର୍ଶ କରିବା ନିହାତି ଜରୁରୀ। ନିୟମିତ ବ୍ୟବଧାନରେ ନିଜର ଯକୃତ ପରୀକ୍ଷା କରାଇ ନିଅନ୍ତୁ ବିଶେଷକରି ୪୦ବର୍ଷ ପରେ ଯକୃତ ପରୀକ୍ଷା କରିବା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ।

ଭାଗ-୧ । ସଂଖ୍ୟା-୨୬ । ଭୁବନେଶ୍ୱର । ୧୩ ରୁ ୧୯ ମେ' ୨୦୨୪
Vol-1 | Issue-26 | Bhubaneswar | 13 to 19 May 2024

# କେବେ ସରିବ ନିର୍ମାଣାଧୀନ ପ୍ରକଳ୍ପ ?

**ରାଉରକେଲା** (ଭିଓଭି): ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇସାରିଛି। ନିର୍ମାଣ ଅବଧି ବି ଶେଷ ହେଲାଣି। କିନ୍ତୁ ଜମି ଅଧିଗ୍ରହଣରେ ଅଯଥା ବିଳମ୍ବ ଯୋଗୁଁ ପ୍ରକଳ୍ପର ଭାଗ୍ୟ ଫିଟିପାରୁନି। ସଂପ୍ରତି ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଛି। ଏହାପରେ ମୌସୁମୀ ଧସେଇ ପଶିବା ସହ ବର୍ଷା ଋତୁ ଆରମ୍ଭ ହୋଇଯିବ। ଏଣୁ ଅନ୍ତଃତ ଆଉ ୩/୪ ମାସ ଏହି ପ୍ରକଳ୍ପର ଅଗ୍ରଗତି ହେବା ସମ୍ଭାବନା ପ୍ରାୟ କ୍ଷୀଣ। ରାଉରକେଲାବାସୀଙ୍କ ଛଅ ଦଶନ୍ଧି ପୁରୁଣା ଦାବି, ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ ଏଯାଏ ବାସ୍ତବ ରୂପ ନେଇପାରୁନି। ଜମି ଅଧିଗ୍ରହଣରେ ରାଜ୍ୟ ସରକାରଙ୍କ ଚିରାଚରିତ ଅବହେଳା ଏହାର ମୁଖ୍ୟ କାରଣ ପାଲଟିଛି। ମିଳିଥିବା ସୂଚନା ମୁତାବକ, ଏପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲ୍ଲାର ୭ଟି ଗାଁରୁ ୭୬.୫ ଏକର ଜମି ଅଧିଗ୍ରହଣ କରାଯାଇନଥିବା ବେଳେ ଦେବଗଡ଼ ଜିଲ୍ଲାର ୪ଟି ଗାଁର ୧୨୩.୮୩ ଏକର ଜମି ବାକି ଅଛି। ଉଲ୍ଲେଖଯୋଗ୍ୟ, ତାଳଚେର ପଟୁ ନିର୍ମାଣ କାର୍ଯ୍ୟ ବେଗ ଧରିଛି। ତାଳଚେର-ସୁନାଖଣି ଓ ସୁନାଖଣି-ସାମଲ ରେଳପଥ ନିର୍ମାଣ ଶେଷ ହୋଇସାରିଛି। ଏବେ ସାମଲ-ପରବିଲ, ପରବିଲ-ଖମାର ଓ ଖମାର-ଶ୍ରୀରାମପୁର କାମ ନିର୍ମାଥଣାଧୀନ ଥିବାବେଳେ ଶ୍ରୀରାମପୁର-ପାଲଲହଡ଼ା




ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କେବଳ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାରେ ଜମି ଅଧିଗ୍ରହଣ ସମ୍ପନ୍ନ ହୋଇନଥିବାରୁ ପ୍ରାୟ ୬୫ କିଲୋମିଟର ବିଶିଷ୍ଟ ପାଲଲହଡ଼ା-ବିମଳାଗଡ଼ ରେଳପଥ ନିର୍ମାଣ ଆରମ୍ଭ ହୋଇପାରୁନି। ସେହିଭଳି ୭.୬୮ କୋଟି ବ୍ୟୟ ଅଟକଳରେ ୨୦୧୭-୧୮ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଲହଣ୍ଡା-ମିଟକୁନ୍ଦୁରୀ ସେତୁ ଶେଷ ହେବାର ନାଁ ନେଉନି। ଜମି ସମସ୍ୟା ଯୋଗୁଁ ଆପ୍ରୋଚ୍ ରୋଡ୍ ଓ ସେତୁର ଗୋଟିଏ ସ୍ଲାବବ୍ ନିର୍ମାଣ ହୋଇପାରୁନି। ଏହି ପ୍ରକଳ୍ପ ସଂପନ୍ନ କରିବାକୁ ହେଲେ ଖୁଣ୍ଟଗାଁରେ ୪୬ ଡିସିମିଲ ଓ ମିଟକୁନ୍ଦୁରୀଠାରେ ୨୭ ଡିସିମିଲ, ମୋଟ୍ ୭୩ ଡିସିମିଲ ଜମି ଆବଶ୍ୟକ। କିନ୍ତୁ ପ୍ରଶାସନ ଏହି ଜମି ଅଧିଗ୍ରହଣ କରିପାରୁନଥିବାରୁ ପ୍ରକଳ୍ପ ଅଧପନ୍ତରିଆ ହୋଇପଡ଼ି ରହିଛି। ଏତଦ୍‌ବ୍ୟତୀତ ରାଉରକେଲା ଓ ଟାଟାନଗରକୁ ସଂଯୋଗ ପାଇଁ ନିର୍ମାଣାଧୀନ ଜାତୀୟ ରାଜପଥ ୩୨୦ ଡି' ମଧ୍ୟ ସମାନ ଦଶା ଭୋଗୁଛି। ଏହି ପ୍ରକଳ୍ପ ପାଇଁ ୨୦୯.୫୦ କୋଟି ଅନୁମୋଦିତ ବି ହୋଇସାରିଛି। ଏହି ପ୍ରସ୍ତାବିତ ଜାତୀୟ ରାଜପଥ ବନ୍ଧମୁଣ୍ଡା-ବିଶ୍ରା-ମନୋହରପୁର ବରପୋଷ-କାଏଦା-ଗୋଏଲକେରା-ସ୍ବେନିଆ-ଚକ୍ରଧରପୁର ଦେଇ ଟାଟାନଗରକୁ ସଂଯୋଗ କରିବ। ପ୍ରଥମ ପର୍ଯ୍ୟାୟ ଜମି ଅଧିଗ୍ରହଣ ପ୍ରକ୍ରିୟା ବି ସମ୍ପନ୍ନ ହୋଇନି। ବିଶ୍ରା-ଜରେକେଲା (୨୪.୫ କିଲୋମିଟର) ମଧ୍ୟରେ ପ୍ରକଳ୍ପ ପାଇଁ ୧୩୮ ଏକର ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି। କିନ୍ତୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉନଥିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗେଇପାରୁନି। କୁକୁଡ଼ା ଗେଟ୍ ଲେଭେଲ୍ କ୍ରସିଂରେ ନିର୍ମାଣାଧୀନ ରୋଡ୍ ଓଭରବ୍ରିଜ୍(ଆରଓବି) ପ୍ରକଳ୍ପର ମଧ୍ୟ ଭାଗ୍ୟ ଫିଟିପାରୁନି। ୨୦୧୮ ମସିହାରୁ ଅନୁମୋଦିତ ଏହି ପ୍ରକଳ୍ପର ଭାଗ୍ୟ ସମାନ ଜମି ସମସ୍ୟା ଯୋଗୁଁ ଝୁଲିରହିଛି। ବର୍ତ୍ତମାନ ସାଧାରଣ ନିର୍ବାଚନ ଓ ପରେ ବର୍ଷାଋତୁ ଯୋଗୁଁ ନିର୍ଦ୍ଦିଷ୍ଟ କେବେ ପ୍ରକଳ୍ପ ବେଗ ଧରିବ ଓ ସମ୍ପନ୍ନ ହେବ; ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆନ୍ଧ୍ରରେ ନଜରବନ୍ଦୀ ଥିବା ୨୦ ନିର୍ଯାତିତ ଦାଦନ ଶ୍ରମିକ ଉଦ୍ଧାର

**ନବରଙ୍ଗପୁର** (ଭିଓଭି): ନଜରବନ୍ଦୀରେ ଥିବା ୨୦ ଜଣ ନିର୍ଯାତିତ ଦାଦନ ଶ୍ରମିକଙ୍କୁ ଆନ୍ଧ୍ରର ପେଦାପଡିରୁ ଉଦ୍ଧାର କରିଛି ପ୍ରଶାସନ। ଏହି ଶ୍ରମିକମାନଙ୍କୁ ମଜୁରୀ ମାଗିଲେ ମିଳୁଥିଲା ମାଡ଼। ଏବେ ବି ଫସିରହିଛନ୍ତି କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୧୪ ଜଣ ଶ୍ରମିକ। ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକର ୨୦ ଜଣ। ସେମାନେ କହିବା ଅନୁଯାୟୀ ରାୟଗଡା ଜିଲ୍ଲାର ଗୁଣପୁର ଅଞ୍ଚଳର ଜିତୁ ନାମକ ଜଣେ ଦଲାଲ ସେମାନଙ୍କୁ ଖାଇବା ଓ ରହିବା ମାଗଣା ଦେଇ ଦେ ?ନିକ ୫ଶହ ଟଙ୍କା ମଜୁରୀ ମିଳିବ କହି ଆନ୍ଧ୍ରର ପୂର୍ବ ଗୋଦାବରୀ ଜିଲ୍ଲା ପେଦାପଡି ଅଞ୍ଚଳରେ ହେଉଥିବା ଚିଙ୍ଗୁଡି ଚାଷ ମାଲିକ ନିକଟରେ ନେଇ ଛାଡିଥିଲେ। ସେମାନେ ସେଠାକୁ ଗଲା ପରେ ଶ୍ରମିକ ପିଛା ୨ରୁ ୩ହଜାର ଟଙ୍କା କେବଳ ଖାଇବା ପାଇଁ ଦେଉଥିଲେ। ସେମାନେ ସେଠାରେ କାମ କରି ପ୍ରାୟ ୧ଶହ ଦିନରୁ ଉର୍ଦ୍ଧ୍ୱ ହେଲେ ମଧ୍ୟ ସେମାନଙ୍କୁ ମଜୁରୀ ମିଳୁନଥିଲା। ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଖଟାଉଥିଲେ। ମଜୁରୀ ମାଗିଲେ ମାଡ ମିଳୁଥିଲା। ସେମାନଙ୍କୁ ନଜରବନ୍ଦୀ କରି ରଖୁଥିଲେ। ରାତିରେ କୋଠରୀ ମଧ୍ୟରେ ତାଲା ପକାଇ ରଖୁଥିଲେ। ଏପରିକି ରାତିରେ ପରିଶ୍ରା କରିବା ପାଇଁ ବି କବାଟକୁ ବାଡେଇବାକୁ ପଡୁଥିଲା। ରାତିରେ ଜଣେ ସୁରକ୍ଷା କର୍ମୀ ଜଗି ରହୁଥିଲେ। ମୋବାଇଲରେ କଥା ହେବା ପାଇଁ ସୁଯୋଗ ମିଳୁନଥିଲା। ସନ୍ଦେହ ହେଲେ ମୋବାଇଲ ଛଡାଇ ନେଉଥିଲେ। କୌଣସି ଶ୍ରମିକଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କାମ କରିବା ପାଇଁ ବିଶ୍ରାମ ନେଲେ ମାଡ ମାରି କାମ କରିବା ପାଇଁ କୁହାଯାଉଥିଲା। ଏପରି ଅତ୍ୟାଚାର ସହିବା ପରେ ସେମାନେ ଏ ସଂକ୍ରାନ୍ତରେ ନିଜ ନିଜ ପରିବାରକୁ ଜଣାଇଥିଲେ। ଖବର ପାଇ ସିଟୁର ଜିଲ୍ଲା ସମ୍ପାଦକ ରାଜେଶ ଜାନୀ ଓ ଝରିଗାଁର ଭଗ ସାନ୍ତା ଏ ନେଇ ଗତ ୮ ତାରିଖ ରେ ଜିଲ୍ଲା ଶ୍ରମ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଶ୍ରମ ବିଭାଗ ପକ୍ଷରୁ ଏ ନେଇ ଜିଲ୍ଲା ପ୍ରଶାସନର ସହାୟତାରେ ଆନ୍ଧ୍ର ପୂର୍ବ ଗୋଦାବରୀ ଜିଲ୍ଲାର ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦୃଷ୍ଟିକୁ ଆଣିଥିଲେ। ବୁଧବାର ଆନ୍ଧ୍ର ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ସ୍ଥାନକୁ ଯାଇ ଅଭିଯୋଗ ପାଇଥିବା ୨୦ ଜଣ ଶ୍ରମିକଙ୍କୁ ସେଠାରୁ ଉଦ୍ଧାର କରିଥିଲେ।

### ଉଦ୍‌ଘାଟନ ମାସେ ନପୁରୁଣୁ ପାନୀୟ ଜଳ ପ୍ରକଳ୍ପ ଅଚଳ

## କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

**ନିଶ୍ଚିନ୍ତକୋଇଲି** (ଭିଓଭି): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଂଚାୟତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟନର ମାସେ ପୁରଣ ନହେଉଣୁ ଅଚଳ ହୋଇପଡିଥିବାର ଅଭିଯୋଗ ହୋଇଛି। ଟୋପାଏ ପାନୀୟ ଜଳ ପାଇବା ନିମନ୍ତେ ଲୋକେ ଡହଳ ବିକଳ ହେଉଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିନରେ ବୁହାଲୋ ଗ୍ରାମପଂଚାୟତ ପାନୀୟ ଜଳ ପ୍ରକଳ୍ପ ରହିଛି। ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ୮୩ ଲକ୍ଷ ୯୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଗତ ଫେବ୍ରୁଆରୀ ୧୫ ତାରିଖ ଦିନ ଏହି ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଥିଲେ। ଲୋକାର୍ପଣର ମାସେ ପୁରଣ ନହେଉଣୁ ଏହି ପ୍ରକଳ୍ପଟି ଅଚଳ ହୋଇପଡିଥିବାର ସ୍ଥାନୀୟ ଲୋକେ ଅଭିଯୋଗ



କରିଛନ୍ତି। ଠିକାଦାର ଅଟକଳ ଅନୁଯାଇ ଏହି ପ୍ରକଳ୍ପ ନିର୍ମାଣ କରିନଥିବାର ଅଭିଯୋଗ ହୋଇଛି। ଏପରିକି ପ୍ରକଳ୍ପ ନିମନ୍ତେ ବିଛାଯାଇଥିବା ପାଇପ ଗୁଡିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ବହୁ ସ୍ଥାନରେ ଏଗୁଡିକ ଫାଟି ଯାଇଥିବାର ଦେଖିବାକୁ ମିଳିଛି। ଏପରିକି ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟି ରାସ୍ତାରେ ପାଣି ଜମିରହୁଥିବାର ଦେଖିବାକୁ ମିଳିଛି। ସେହିପରି ଭାବେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡ ଗୁଡିକ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାର ଅଭିଯୋଗ ହୋଇଛି। ବହୁ ସ୍ଥାନରେ ଏହି ପାଇପ ଷ୍ଟାଣ୍ଡ ଗୁଡିକ ମଧ୍ୟ ଭାଙ୍ଗିରୁଜି ଗଲାଣି। ବିଛାଯାଇଥିବା ପାଇପ ଗୁଡିକ ନିମ୍ନମାନର ହେତୁ ବହୁ ଗ୍ରାମକୁ ପାନୀୟ ଜଳ ଯାଇପାରୁନଥିବାର ଅଭିଯୋଗ ହୋଇଛି। ଗତ କିଛି ଦିନ ହେଲା ସ୍ଥାନୀୟ ଅଂଚଳରେ ଅହେତୁକ ଭାବେ ରୌଦ୍ରତାପ ବୃଦ୍ଧି ପାଇଛି। ଭୂତଳ ଜଳସ୍ତର ନିମ୍ନଗାମୀ ହୋଇ ପଡିଛି। ସ୍ଥାନୀୟ ଅଂଚଳର ଗଡିଆ ପୋଖରୀ କେନାଲ ଗୁଡିକ ଶୁଖିଲା ପଡିଛି। ଟୋପାଏ ପାଣି ପାଇଁ ଲୋକେ ସର୍ବୋପରି ଗାଈଗୋରୁ ଛେଳିମେଣ୍ଢା ଚରମ ହଟହଟାର ସମ୍ମୁଖିନ ହେଉଛନ୍ତି। ଦୀପ ତଳ ଅନ୍ଧାର ଭଳି ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ଠାରୁ ମାତ୍ର ୧ କିମି ଦୂରରେ ଥିବା ଏହି ପଂଚାୟତରେ ପାନୀୟ ଜଳ ସଙ୍କଟ ଦୂର କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା ବେଳେ ଅନ୍ୟ ପଂଚାୟତ ଗୁଡିକରେ ଅବସ୍ଥା କିପରି ଥିବ ତାହା ସହଜେ ଅନୁମେୟ। ବିଭାଗୀୟ ଅଧିକାରୀ ଓ ଠିକାଦାର ଅସାଧୁ ମେଂଟ କରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟିନେଇଥିଲା ବେଳେ ଏହି ପ୍ରକଳ୍ପ କାମରେ ଆସୁନଥିବାର ଜଣାଯାଇଛି। ତେବେ ଏହି ଅଚଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ ସ୍ଥାନୀୟ ଜନ ସାଧାରଣ ଦୃଢ ଦାବି କରିଛନ୍ତି।

## ଆନ୍ଧ୍ର ବ୍ୟବସାୟୀଙ୍କ କବଜାରେ କାଶୀନଗର ତହସିଲ

### ପ୍ଲଟିଂ ନାମରେ କୋଟି କୋଟି ଟଙ୍କା ଆଦାୟ, ଓଡ଼ିଶାର ରାଜସ୍ୱ କ୍ଷତି

**ପାରଳାଖେମୁଣ୍ଡି** (ଭିଓଭି): ଗଜପତି ଜିଲ୍ଲା କାଶୀନଗର ସହର ଓ ସମଗ୍ର ତହସିଲ ଆଖପାଖ ଅଞ୍ଚଳରେ ଥିବା ଜମିକୁ ଆନ୍ଧ୍ର ବ୍ୟବସାୟୀ କିଣି ସେଥିରେ ପ୍ଲଟିଂ କରି ବେପାର କରି ମାଲାମାଲ ହେଉଛନ୍ତି। କିନ୍ତୁ ଉକ୍ତ ଜମିରେ ବେଆଇନ ମାଟି ଭର୍ତ୍ତିକରି ପ୍ଲଟିଂ କରିଥିବା ବେଳେ ଲକ୍ଷାଧିକ ଟଙ୍କାର ରାଜସ୍ୱ ସରକାର ହରାଉଥିବା ଅଭିଯୋଗ ହେଉଛି। ଏହି ପ୍ଲଟିଂ ବ୍ୟବସାୟରେ ଆନ୍ଧ୍ର ବ୍ୟବସାୟମାନେ କୋଟି କୋଟି ଟଙ୍କା ଲାଭବାନ ହେଉଥିବାବେଳେ ନାମକୁ ମାତ୍ର କିଛି ଟଙ୍କାରେ ଓଡ଼ିଶାର ରାଜନେତା, ଅଫିସର ଓ ଦଲାଲଙ୍କୁ କରାୟତ୍ତ କରିଚାଲିଛନ୍ତି. କାଶୀନଗର ସହରର ଆଖପାଖ ବହୁ ସ୍ଥାନରେ ଏହିପରି ବେଆଇନ ମାଟି ଚାଲାଣ ହେଉଥିବା ବେଳେ ମାଇନିଂ ବିଭାଗ ନୀରବ ସାଜିଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ଆନ୍ଧ୍ର ବ୍ୟବସାୟୀଙ୍କ ରାଜୁତି ଦିନକୁ ଦିନ ବଢ଼ି ଚାଲିଛି। ସେହିପରି ବଂଶଧାରା ନଦୀ ମୁହାଣରୁ ମଧ୍ୟ ବାଲି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଛି। ଏନେଇ ମାଇନିଂ ବିଭାଗ ବେଆଇନ ବାଲି ଓ ମାଟି ଚାଲାଣକାରୀଙ୍କ ପ୍ରତି କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ। ଚାଲାଣକାରୀ ଗୋଟିଏ ଗାଡ଼ିର ଜରିମାନା ରସିଦରେ ୧୦ ଗାଡ଼ିରେ ମାଟି ଚାଲାଣ କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାଟି ଉଠାଇବା ପାଇଁ ରାଜସ୍ୱ ଅର୍ଥ ପୈଠ କରି ମାଟି ଉଠାଯାଇଥିଲା କିମ୍ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉଥିଲା.ବର୍ତ୍ତମାନ ମାଇନିଂ ବିଭାଗ ଦାୟିତ୍ୱ ନେବା ପରେ ବେଆଇନ ମାଟି ଓ ବାଲି ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସମୟରେ କାଶୀନଗର ଥାନା ତରଫରୁ ପାଟ୍ରୋଲିଂ ସମୟରେ ବେଆଇନ ଚୋରାଚାଲାଣ ଗାଡ଼ିକୁ ଜବତ କରି ସେଥିପ୍ରତି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉଥିବା ସତ୍ତ୍ୱେ ଚୋରାଚାଲାଣ ବନ୍ଦ ହେଉନାହିଁ। ମାଇନିଂ ବିଭାଗ ସହ ବେଆଇନ ଚୋରାଚାଲାଣକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକରେ ବହୁ ମାଟି ବାଲି କାଶୀନଗର ଅଞ୍ଚଳରୁ ଚୋରାଚାଲାଣ ହେଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ପାନୀୟ ଜଳ ପ୍ରକଳ୍ପ, ହେଲେ ମିଳୁନି ପିଇବା ପାଣି

# ପାଣି ପାଇଁ ଡହଳବିକଳ ଗ୍ରାମବାସୀ





**ପାରଳାଖେମୁଣ୍ଡି** (ଭିଓଭି): ରାଜ୍ୟ ସରକାର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କେତେକ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଖାମଖିଆଲି ନିତି ଯୋଗୁ ଯୋଜନାର ଉପକାର ପାଇ ପାରୁନାହାନ୍ତି ଲୋକେ । ଗ୍ରାମରେ ବସୁଧା ଯୋଜନା ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ହୋଇଛି । ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ସହ ଖଞ୍ଜା ଯାଇଛି ଘରର ସମ୍ମୁଖ ମାନଙ୍କରେ ଟ୍ୟାପ୍ । ତଥାପି ଲୋକଙ୍କୁ ମିଳୁନି ପାଣି, ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ । ବାଧ୍ୟ ହୋଇ ବନ୍ଧ ପାଣି ପିଉଛନ୍ତି ଲୋକେ । ଏହି ପାଣି ପିଇ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ । ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟ କରୁନଥିବା ଅଭିଯୋଗ ହେଉଛି । ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳ କେରେଡାଙ୍ଗ ପଞ୍ଚାୟତର ବାଇଲପଦର ଗ୍ରାମବାସୀ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଗ୍ରୀଷ୍ମ ଋତୁ ଆରମ୍ଭରୁ ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭରୁ ଦୂଷିତ ବନ୍ଧ ପାଣି ପିଇ ଶୋଷ ମେଣ୍ଟାଉଛୁ । ଏହି ଗ୍ରାମରେ ପ୍ରାୟ ୬୦ ପରିବାର ଥିବାବେଳେ ୩୦୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ଏଠାରେ ୩ଟି ନଳକୂପ ଅଛି କିନ୍ତୁ କେଉଁଟି କଳଙ୍କି ପାଣି ବାହାରୁଛି ତ କେଉଁଟି ଅଚଳ ଅବସ୍ଥାରେ ଅଛି । ପାହାଡରୁ ଝରଣା ପାଣିକୁ ପାଇପ ସଂଯୋଗ କରି ଗ୍ରାମକୁ ଅଣାଯାଇ ପାଣି ବ୍ୟବହାର କରାଯାଉଥିଲା । ଗ୍ରାମରେ ପ୍ରତ୍ୟକ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ହିଁ ଝରଣା ସୁଖିଯାଇ ଲାଗି ରହୁଛି ପାନୀୟ ଜଳ ସମସ୍ୟା । ଏହି ଗ୍ରାମରେ ସରକାରଙ୍କ ଦ୍ୱାରା ବସୁଧା ଯୋଜନା ମାଧ୍ୟମରେ ପାଣି ଯୋଗାଇବା ନିମନ୍ତେ କାର୍ଯ୍ୟ ହୋଇଛି । ଏକ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ହୋଇଛି । ଗାଁରେ ପାଇପ୍ ବିଛା ଯିବା ସହ ଘରର ସମ୍ମୁଖ ମାନଙ୍କରେ ଟ୍ୟାପ୍ ଖଞ୍ଜା ଯାଇଛି । ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକ ଅନେକ ସ୍ଥାନରେ ଭାଙ୍ଗି ରୁଜି ଯାଇଛି । ଏଥିସହ ବିଭିନ୍ନ ସ୍ଥାନରେ ପାଇପ ଯୋଡ଼ା ନଯାଇ ସେମିତି ଛଡ଼ା ଯାଇଛି । ଦୀର୍ଘ ସମୟ ହେବ କାର୍ଯ୍ୟ ବନ୍ଦ ହୋଇ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟ କାରି ହୋଇନାହିଁ । ବର୍ତ୍ତମାନ୍ ଗ୍ରାମରେ ଲାଗି ରହିଛି ପାଣିର ଉତ୍କଟ । ମହିଳା ମାନେ ଗାଁରେ ଥିବା ଦୂଷିତ ବନ୍ଧ ପାଣି ଆଣି ବ୍ୟବହାର କରିଥାନ୍ତି । ସେହି ଦୂଷିତ ପାଣି ପିଇ ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିବା ଅଭିଯୋଗ କରିଛନ୍ତି ଗ୍ରାମବସୀ । ଏହାକୁ ଯଥାଶୀଘ୍ର କାର୍ଯ୍ୟ କ୍ଷମ କରି ପାଣି ଯୋଗାଇବା ନିମନ୍ତେ ଦାବି କରିଛନ୍ତି ଗ୍ରାମବାସୀ । ଏ ସମସ୍ୟା ନେଇ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ କଣିଷ୍ଟ ଯନ୍ତ୍ରୀ (୧) ପ୍ରଭାକର ମୁନିଙ୍କୁ ଯୋଗାଯୋଗ କଲେ ମଧ୍ୟ ସମ୍ଭବ ହୋଇପାରିନାହିଁ ।

## ନିମ୍ନମାନର କାର୍ଯ୍ୟ ହେତୁ ନବ ନିର୍ମିତ ଗାର୍ଡ ୱାଲରେ ଫାଟ

**ନିଶ୍ଚିନ୍ତକୋଇଲି** (ଭିଓଭି): ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ମନମାନିରେ ନବ ନିର୍ମିତ ଗାର୍ଡୱାଲରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ଫଳରେ ଏହି କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ



ମାତ୍ର ୧୦୦ ମିଟର ଦୂରରେ ୮ ଇ-୧ କେନାଲ ରହିଛି । ଏହି କେନାଲ ଶଯ୍ୟାରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଗାର୍ଡୱାଲ ନିର୍ମାଣ କରାଯାଉଛି । ଏହି ଗାର୍ଡୱାଲ ଅଟକଳ ଅନୁଯାଇ ନିର୍ମାଣ କରାଯାଉନଥିବାର ଅଭିଯୋଗ ହୋଇଛି । ଗାର୍ଡୱାଲ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା କାରଣରୁ ନିର୍ମାଣର ମାତ୍ର ଦୁଇଦିନ ପରେ ଏହି ଗାର୍ଡୱାଲରେ ଫାଟ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅସାଧୁ ମେଂଟରେ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଚଂଚକତା କରାଯାଇ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିନେବା ନିମନ୍ତେ ମସୁଧା ଚାଲିଥିବାର ଅଭିଯୋଗ ହୋଇଛି । ତେବେ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ ଏଭଳି ନିମ୍ନମାନର କାମ ହେଉଥିଲା ବେଳେ ଦୂରସ୍ଥାନରେ କିଭଳି କାର୍ଯ୍ୟ କରାଯାଉଥିବ ତାହା ସହଜେ ଅନୁମେୟ । ଏହି କାର୍ଯ୍ୟରେ ହୋଇଥିବା ଅନିୟମିତତା ଓ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତିଖୋରଙ୍କ ଅସଲମୁଖା ଖୋଲି ଯାଆନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଜିଦ୍‌ରେ ଅଟଳ ଜୁଆଙ୍ଗ; ରାସନ ନାହିଁ ତ ଭୋଟ୍ ନାହିଁ

**କାଳିଆପାଣି** (ଭିଓଭି): ମାସିକ ବେତନ ପାଉଥିବା ଶହଶହ ଖଣି କର୍ମଚାରୀ ଓ ଅଧିକାଂଶ ଟ୍ରକ୍ ମାଲିକ ରାସନ ଚାଉଳ ପାଉଥିବା ବେଳେ ବହୁ ଗରିବ ଜୁଆଙ୍ଗ ଜନଜାତି ଲୋକ ଖାଦ୍ୟ ସୁରକ୍ଷାରୁ ବାଦ୍ ପଡ଼ିଛନ୍ତି । ବାରମ୍ବାର ବ୍ଲକ୍ ଅଫିସ ଦୌଡୁଥିଲେ ମଧ୍ୟ ସେମାନଙ୍କୁ ରାସନ କାର୍ଡ କିମ୍ବା ଚାଉଳ ମିଳୁନି । ସୁକିନ୍ଦା ବ୍ଲକ୍‌ର ନଗଡ଼ା, ଗୁହିଆଶାଳ ଓ ତୁମୁଣି ଗାଁର ୨୧ଟି ପରିବାର ରାସନ ନାହିଁ ତ ଭୋଟ୍ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ପେଟ ପାଇଁ ଜେଲ୍ ଯିବାକୁ ପଡ଼ିଲେ ବି ସେମାନେ ଜଙ୍ଗଲ କାଟି ପୋଡୁଚାଷ କରିବାକୁ ବାଧହେବେ ବୋଲି ବିବୃତି ରଖିଛନ୍ତି । ସଚେତନତା ଅଭାବରୁ ଅଧାରୁ ପାଠଛାଡ଼ି କିଶୋର ବୟସରୁ ଘର ସଂସାର କରିଥିବା ଏହି ଦମ୍ପତିମାନେ ହେଲେ ତଳ ନଗଡ଼ାର ଫୁଲମଣି ଓ ବିନୁ ପ୍ରଧାନ, ରାଇମଣି ଓ ଜାମ୍ବୁ ପ୍ରଧାନ, ସୁଚିତ୍ରା ଓ ମୁଖିଆ ପ୍ରଧାନ, ରଇବାରୀ ଓ ତୁଙ୍ଗା ପ୍ରଧାନ, ଫୁଲ ଓ ରମେଶ ପ୍ରଧାନ, ଗାଉଁରି ଓ ରାଜୁ ପ୍ରଧାନ, ଜେମାଦି ଓ କାଳିଆ ପ୍ରଧାନ, ସୁନିମତି ଓ ରବି



ପ୍ରଧାନ, ମଝି ନଗଡ଼ାର ସାରଥୀ ଓ କନ୍ଦା ପ୍ରଧାନ, ଉପର ନଗଡ଼ାର ରଇବାରୀ ଓ ଯୋଗେନ୍ଦ୍ର ପ୍ରଧାନ, ବୈଶାଖୀ ଓ ଖୁଣ୍ଟିଆ ପ୍ରଧାନ, କାସୁଦି ଓ ସୁବନ ପ୍ରଧାନ, ମୁରି ଓ ଗହ୍ମା ପ୍ରଧାନ, ତୁମୁଣିର ବେଲ ଓ ମଧୁ ପ୍ରଧାନ, ଯାତ୍ରୀ ଓ ଜାମ୍ବୁ ପ୍ରଧାନ, ଢିଣି ଓ ଜଳ ପ୍ରଧାନ, ଗୁହିଆଶାଳର ସୀମା ଓ କୈଳାସ ପ୍ରଧାନ, ବାସନ୍ତୀ ଓ ଶ୍ରୀଧର ପ୍ରଧାନ(ସିଦ), ମେଞ୍ଚାରି ଓ ମାଧ ପ୍ରଧାନ, ଜାମୁନି ଓ କୁଞ୍ଜି ପ୍ରଧାନ ଏବଂ ତଳଡିହ ଜୁଆଙ୍ଗ ବସ୍ତିର ଯାତ୍ରୀ ଓ ଜଳ ପ୍ରଧାନ ।୩ ବର୍ଷ ତଳେ ବାହା ହୋଇଥିବା ତଳ ନଗଡ଼ାର ମାନସ ପ୍ରଧାନଙ୍କ ପତ୍ନୀ ଆରତି(୧୯)ଙ୍କର ମୃତ୍ୟୁ ହୋଇଛି । ତାଙ୍କ ଶିଶୁକନ୍ୟା ଏବେ ଜେଜେମାଆ କୋଳରେ ବଢୁଛି । ୨ ରୁ ୫ ବର୍ଷ ପୂର୍ବରୁ ବାହା ହୋଇଥିବା ଏହି ଦମ୍ପତିମାନେ ଅଧାରୁ ପାଠ ଛାଡ଼ିଛନ୍ତି । ଏକାଧିକ ମହିଳା ଗର୍ଭବତୀ ଓ ଅଧିକାଂଶରେ ଏକାଧିକ ପିଲାଛୁଆ ଅଛନ୍ତି । ନିଜ ପରିବାର ଓ ସନ୍ତାନର ଲାଳନପାଳନକୁ ନେଇ ସମସ୍ତେ ଭାରାକ୍ରାନ୍ତ । କିଏ ଦାଦନ ଖଟିବାକୁ ଗଲାଣି ତ ଆଉ କିଏ ଗାଁ ପାଖରେ ମୂଲମଜୁରି ଖୋଜୁଛି । ଏମିତିରେ ମୂଳ ପରିବାରଠାରୁ ଅଲଗା ରହୁଥିବା ଏହି ଦମ୍ପତିମାନେ ନିଜନିଜ ଭାଗ୍ୟ ଓ ଭବିଷ୍ୟତକୁ ନେଇ ଦୋ'ଛକିରେ । ଚାଉଳ ଗଣ୍ଡାକ ପାଇଁ ସମସ୍ତେ ମାଆ କିମ୍ବା ଭାଉଜ ଉପରେ ବୋଝ ହୋଇଛନ୍ତି । ସେମାନଙ୍କୁ ମିଳୁଥିବା ରାସନରୁ ଭାଗ ମାଗୁଛନ୍ତି । ବାପମାଆ ଓ ବଡ଼ଭାଇ ଭାଉଜ ବିଜୁ ପକ୍କାଘରେ ରହୁଥିବା ସ୍ଥଳେ ଏମାନେ ମାଟିଝାଟି ଓ ଛଣଛପର କୁଡ଼ିଆ ତୋଳି ମୁଣ୍ଡ ଗୁଞ୍ଜିଛନ୍ତି । ନଗଡ଼ାରେ ୩ ବର୍ଷ ଧରି ମନରେଗା କାମ ନାହିଁ । ଗାଁ ପାଖରେ କାମ ନଥିବାରୁ ୧୦ ରୁ ଅଧିକ ଯୁବକ ଦାଦନ ଖଟିବାକୁ ଯାଇଛନ୍ତି । ରାସନ ନମିଳିବା ପ୍ରତିବାଦରେ ଭୋଟ୍ ବର୍ଜନ କରିବାକୁ ବାଧ୍ୟହେବେ ବୋଲି ଏହି ଅଭାବୀ ପରିବାର ଓ ସେମାନଙ୍କ ବାପାମାଆ ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ସୁକିନ୍ଦା ବ୍ଲକ ଯୋଗାଣ ନିରୀକ୍ଷକ ଦେବାଶିଷ କରଙ୍କୁ ଯୋଗାଯୋଗ କରିବାରେ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ମାଫିଆଙ୍କ କବ୍‌ଜାରେ ଆରୁହା ପାହାଡ଼

**ଯାଜପୁର** (ଭିଓଭି): ଯାଜପୁରର ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ପାହାଡ଼ ଏବେ ମାଫିଆଙ୍କ କବ୍ଜାରେ । ଏଠାରୁ ଦୈନିକ ୧୦ହଜାର ଟନ୍ କଳାପଥର ଚୋରାଚାଲାଣ ହେଉଥିବା ଆକଳନ କରାଯାଇଛି । ନିର୍ବାଚନ କାର୍ଯ୍ୟରେ ସରକାରୀ କଳ ବ୍ୟସ୍ତ ରହିଥିବା ବେଳେ ଚୋରା କାରବାର ଚରମସୀମାରେ ପହଞ୍ଚିଛି । ଲଘୁ ଖଣିଜ ଚୋରି ପାଇଁ ବାଟ ଫିଟିଛି । ଅଣଲିଜ୍ ସୌରାତରୁ ମେସିନ୍ ଲଗାଇ ଦିନରାତି କଳାପଥର ଖୋଳାଚାଲିଛି । ୧୪୭ଏକର ପରିମିତ ଆରୁହା ପାହାଡ଼ର ୫ଟି ସୌରାକୁ ଲିଜ୍ ଦିଆଯାଇଛି । ମୋଟ ଲିଜ୍ ଅଞ୍ଚଳ ଥିଲା ୮୩ ଏକର । ବହୁଦିନ ହେଲା ଏହି ସୌରାତ ଗୁଡ଼ିକୁ ପ୍ରଶାସନ ବନ୍ଦ କରିଦେଇଛି । ୩ଟି ସୌରାତର ଲିଜ୍ଧାରୀ ତ୍ରିନାଥ ଜେନାଙ୍କ ଉପରେ ୧୦କୋଟି ଟଙ୍କା ଜରିମାନା ହୋଇଥିବା ବେଳେ ମନୋଜ ସାମଲଙ୍କ ଗୋଟିଏ ସୌରାତରୁ ମାତ୍ରାଧିକ ଖନନ ପାଇଁ ୮.୬୩ କୋଟି ଟଙ୍କା ଜରିମାନା ଓ ଶରତ ଜେନାଙ୍କ ଉପରେ ୧.୮୭କୋଟି ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି । ଅତ୍ୟଧିକ ଖନନ ପାଇଁ ଜରିମାନା ସାଙ୍ଗକୁ ଖାଦାନକୁ ବନ୍ଦ କରାଯାଇଥିବା ବେଳେ ଏଠାରେ କିନ୍ତୁ ୧୦ଟି ମେସିନ୍ ଜରିଆରେ ବ୍ୟାପକ ପଥର ଖନନ କରଯାଉଛି । ଦୈନିକ ୧୦ହଜାର ଟନ୍ ପଥର ଆରୁହାରୁ ଚୋରାଚାଲାଣ ହେଉଛି । ପୂର୍ବରୁ ଲିଜ୍ ଥିବା ବେଳେ କିଛି ଗରିବ ଲୋକ ହାତରେ ପଥର ଭାଙ୍ଗି ଚଳୁଥିଲେ । ଏବେ କୋଟିପତି ମାଫିଆ ମେସିନ ଲଗାଇ ପାହାଡ଼ ଖୋଳି ଚାଲିଛନ୍ତି । ସୂଚନା ଅନୁସାରେ, ପାହାଡ଼ ତଳେ ଥିବା ୧୦ଟି କ୍ରସରରେ ଲକ୍ଷ ଲକ୍ଷ ଟନ୍ ଚୋରାପଥର ଗଚ୍ଛିତ ରହିଛି । ଗୋଟିଏପଟେ ଅନିୟନ୍ତ୍ରିତ ଖାଦାନ ଖନନ ଯୋଗୁ ପରିବେଶ ନଷ୍ଟ ହେବାସହ ବିସ୍ଫୋରଣ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଲୋକେ ତ୍ରାହିତ୍ରାହି ଡାକୁଥିବା ବେଳେ ଅନ୍ୟପଟେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଲୁଟ୍ ଚାଲିଥିବାରୁ ପ୍ରତିବାଦ କରିବାକୁ ସାଧାରଣ ଲୋକଙ୍କ ସାହସ ପାଉନାହିଁ । ନିର୍ବାଚନ ପାଇଁ ସତେଯେପରି ପାହାଡ଼କୁ ମାଫିଆଙ୍କ ହାତରେ ଟେକି ଦିଆଯାଇଛି ।

ଭାଗ-୧ । ସଂଖ୍ୟା-୨୬ । ଭୁବନେଶ୍ୱର । ୧୩ ରୁ ୧୯ ମେ' ୨୦୨୪
Vol-1 | Issue-26 | Bhubaneswar | 13 to 19 May 2024

# ମୁଖ୍ୟ ବଜାରର ଅବସ୍ଥା କହୁଛି ବିକାଶର କଥା



କଳମପୁର (ଭିଓଭି): କଳମପୁର ମୁଖ୍ୟ ବଜାର କହିଲେ ନିର୍ମାଲ୍ୟ କ୍ଷେତ୍ର ଜଗନ୍ନାଥ ମନ୍ଦିର, ଦୁର୍ଗା ମଣ୍ଡପ ସମ୍ମୁଖରେ ଥିବା ସାଂସ୍କୃତିକ ମଞ୍ଚ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରକୁ ବୁଝାଇଥାଏ । ଏହି ଅଞ୍ଚଳର ଅବସ୍ଥା ଏବେ ଦୟନୀୟ । ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଥିବା ଦୋକାନ ଗୃହକୁ ଲାଗି ରହିଛି ନଳକୂଅ । ଯେଉଁ ନଳକୂଅର ପାଣି ସମଗ୍ର ବଜାରର ଲୋକ ବ୍ୟବହାର କରନ୍ତି । କିନ୍ତୁ ସେହି ନଳକୂଅର ବର୍ଜ୍ୟ ପାଣି ନିଷ୍କାସନ ପାଇଁ ନାହିଁ ନାଳିର ବ୍ୟବସ୍ଥା । ଯେଉଁଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ରାସ୍ତା ଉପରେ ପ୍ରବାହିତ ହୁଏ ମଇଳା ପାଣି । ସେହି ଅପରିଷ୍କାର ପାଣି ଡେଇଁ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଅନେକ ଲୋକେ ଯାତାୟତ କରନ୍ତି । ଏହାର ବିପରୀତ ଦିଗରେ ରହିଛି ଦୁର୍ଗା ମଣ୍ଡପ ଏବଂ ଥୁଆମୁଲ ରାମପୁର ମୁଖ୍ୟ ରାସ୍ତା । ଏହି ରାସ୍ତା ପାର୍ଶ୍ୱକୁ ଲାଗି ରହିଛି ସାଂସ୍କୃତିକ ମଞ୍ଚ । କିନ୍ତୁ ଏହି ମଞ୍ଚ ନିକଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଅଳ୍ପ ବର୍ଷାରେ ବେହାଲ ହୁଏ ଏହି ମୁଖ୍ୟ ବଜାରର ଅବସ୍ଥା ।

ଏହି ମଞ୍ଚ ପାର୍ଶ୍ୱରେ ରହିଛି ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ସମେତ, ବ୍ୟାଙ୍କ, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବନ, ଅଗ୍ନିଶମ, କୃଷି, ଉଦ୍ୟାନ କୃଷି, ରାଜସ୍ୱ ନିରୀକ୍ଷକଙ୍କ ସମେତ ପଂଚାୟତ କାର୍ଯ୍ୟାଳୟକୁ ଯୋଗାଯୋଗ ପାଇଁ ରାସ୍ତା । ରିତିମତ ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ବିଧାୟକ, ସାଂସଦ ଓ ମନ୍ତ୍ରୀଙ୍କ ସମେତ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଡିଓ ତହସିଲଦାର, ଜିଲାପାଳ ଏବଂ ରାଜ୍ୟସ୍ତରୀୟ ଅଧିକାରୀ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି । କିନ୍ତୁ ଏହି ମୁଖ୍ୟ ବଜାର ପ୍ରାଙ୍ଗଣ ଉପରେ କାହାର ଦୃଷ୍ଟି ନପଡ଼ିବା ପରିତାପର ବିଷୟ । ଏହାସହ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ସହ କିଛି ସ୍ଥାନରେ ମଇଳା ଓ ବର୍ଷା ପାଣି ନିଷ୍କାସନ ପାଇଁ ନାଳି ତିଆରି କରାଯାଇଥିଲେ ମଧ ପଂଚାୟତ ତରଫରୁ ନାଳି ସଫା ଦିଗରେ ଗୁରୁତ୍ୱ ଦିଆ ଯାଉନଥିବାରୁ ବହୁ ନାଳି ପୋତି ହେଇ ସାରିଲାଣି । ଯେଉଁଥିପାଇଁ ଅନେକ ସ୍ଥାନରେ ମଇଳା ପାଣି ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ସରପଞ୍ଚ ନା କେହି ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି । ଯଦି ଆଗାମୀ ବର୍ଷା ପୂର୍ବରୁ ନାଳି ସଫେଇ ସହ ମୁଖ୍ୟ ବଜାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆନଯାଏ, ତେବେ ଡେଙ୍ଗୁ ମେଲେରିଆ ଭଳି ଗୁରୁତର ସ୍ଥିତି ଉପୁଜିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ତେଣୁ ବ୍ଲକ ଏବଂ ଜିଲା ପ୍ରାଶସନ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

ଏନେଇ କଳମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ସହ ଯୋଗାଯୋଗ କରାଯାଇଥିଲା ତୁରନ୍ତ କଳମପୁର ମୁଖ୍ୟ ବଜାର ପ୍ରାଙ୍ଗଣ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଇଛି । ଏହି ସୌନ୍ଦର୍ଯ୍ୟକରଣ ସହ ମୁଖ୍ୟ ବଜାରରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ଆଦି ବ୍ୟବସ୍ଥା କରାଯିବ । ତେଣୁ ଏହି ସମସ୍ୟାର ସମାଧାନ ତୁରନ୍ତ ହେବ ବୋଲି ବିଡିଓ ଶ୍ରୀ ମାଣ୍ଡାଙ୍ଗି ମତବ୍ୟକ୍ତ କରିଥିଲେ ।

# ବ୍ୟବସାୟିକ ଦୃଷ୍ଟିରୁ ସଫଳ ତରଭୁଜ ଚାଷ



ଗୁଣୁପୁର (ଭିଓଭି) : ପାରମ୍ପରିକ ଚାଷରୁ ଅଭ୍ୟାସ ବଦଳାଇ ଅର୍ଥକାରୀ ତରଭୁଜ ଚାଷ କରିବାକୁ ସହଯୋଗୀ ସଂସ୍ଥା ଓପିଡିଏସସି ଏବଂ ଆଇଟିଡିଏଓଟିଇ ଏଲପିପ୍ଲସ ଗୁଣୁପୁରଙ୍କ ଉଦ୍ୟମ ଯୋଗୁଁ ଆଦିବାସୀ ସମ୍ପ୍ରଦାୟର ଚାଷୀ ମାନେ ଅହରହ ଉଦ୍ୟମ କରି ଆସୁଛନ୍ତି ।ଫଳ ସ୍ୱରୂପ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଓଡିଶା ଆଦିବାସୀ ସଶକ୍ତିକରଣ ତଥା ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ ଗୁଣୁପୁରଙ୍କ ଉଦ୍ୟମ କ୍ରମରେ ରାମନାଗୁଡ଼ା ବ୍ଲକ ଭାମିନି ଗ୍ରାମପଞ୍ଚାୟତ ଖୀଲିଙ୍ଗି ରାଇ ଗ୍ରାମର ଆଦିବାସୀ ଚାଷୀମାନଙ୍କୁ ତରଭୁଜ ଚାଷ କରିବା ପାଇଁ ଉତ୍ସାହିତ କରାଗଲା ।

ଗ୍ରାମର ସିଲା କୃଷ୍ଣ, ସିଲା ସନ୍ତୋଷ, ସିଲା ଭାଗ୍ୟ, ଟି ସାନ୍ତୁ, ଇରାମାଝି ରମେଶ, ମଣ୍ଡାଙ୍ଗୀ କରଭୁ, ଇରାମାଝି କୃଷ୍ଣା ରାଓ, ଇରାମାଝି ସନ୍ତୋଷଙ୍କୁ ସଂସ୍ଥା ତରଫରୁ ଉନ୍ନତ ମାନର ବିହନ ଏବଂ ଜୈବିକ ଖତ ସାର ଯୋଗାଇ ଦିଆଗଲା । କୃଷି ଅଧିକାରୀ ସୌମେନ୍ଦ୍ର ନାରାୟଣ ଦାଶ ଚାଷୀ ମାନଙ୍କୁ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେଲେ । ପରାମର୍ଶ ଅନୁସାରେ ଚାଷୀ ମାନେ ଠିକଣା ସମୟରେ ଜମି ଉପଚାର କରି ବିହନକୁ ବ୍ୟବହାର କଲେ । ଜମିର ଯତ୍ନ ନେଇ ଏବେ ଏବେ ଭଲ ତରଭୁଜ ଉତ୍ପାଦନ ଆରମ୍ଭ କରିଛନ୍ତି । ସଂସ୍ଥା ତରଫରୁ ଇରାମାଝି କୃଷ୍ଣ ରାଓଙ୍କୁ ସୌର ଚାଳିତ ୨ ଏଚପି ପାଣି ଉଠା ଯନ୍ତ୍ର ମଧ ଯୋଗାଇ ଦିଆଯାଇଛି । ଏହାକୁ ବ୍ୟବହାର କରି ପ୍ରଚୁର ତରଭୁଜ ଉତ୍ପାଦନ କରି ପାରୁଛନ୍ତି ବୋଲି ଚାଷୀ ମାନେ ମତାମତ ଦେଇଛନ୍ତି । ସମଗ୍ର କାର୍ଯ୍ୟକ୍ରମକୁ ଅଞ୍ଚଳରେ କାର୍ଯ୍ୟ କରୁଥିବା ସହଯୋଗୀ ସଂସ୍ଥା ଓ ପିଡିଏସସିର ସାମାଜିକ ତଥା ଜୀବନ ଜୀବିକା ସଂଯୋଜକ ପରେଶ ପ୍ରସାଦ ମହାପାତ୍ର ସଂଯୋଜନା କରିଥିଲେ ।

## ନିର୍ମାଣ ଦ୍ୱାରା ପ୍ରାକୃତିକ ନାଳ ଅବରୋଧ, ଉପଜିଲ୍ଲାପାଳଙ୍କୁ ଅଭିଯୋଗ

ଆଠଗଡ(ଭିଓଭି): ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମନିକଟରେ ମୁଖ୍ୟରାସ୍ତା ମଧ୍ୟରେ ଥିବା ଏକ ପ୍ରାକୃତିକ ନାଳ ଜଣେ ବ୍ୟକ୍ତିଙ୍କ ନିର୍ମାଣ କାର୍ଯ୍ୟ ଯୋଗୁଁ ଅବରୋଧ ହୋଇଯାଇଛି । ଫଳରେ ପାହାଡିଆ ଅଞ୍ଚଳରୁ ବର୍ଷାଦିନେ ଆସୁଥିବା ଜଳ ତଳି ଅଞ୍ଚଳକୁ ନିଷ୍କାସନ ହୋଇନପାରି ରାସ୍ତା ଉପରେ ଓ ରାସ୍ତା କଡରେ ଜମା ହୋଇ ରହିବାର ଆଶଙ୍କା ସୃଷ୍ଟି ହୋଇଛି । ଗ୍ରାମର ସରପଞ୍ଚ ରଶ୍ମିତା ପରିଡ଼ା ଓ ସମିତି ସଭ୍ୟ ସୁଚିତ୍ରା ସାମଲ ନିର୍ମାଣ କରୁଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ପ୍ରାକୃତିକ ନାଳ ଅବରୋଧ ନକରିବା ପାଇଁ ଅନୁରୋଧ କରିଥିଲେ ମଧ ସେ ତାହା ନଶୁଣି ନିର୍ମାଣ କାର୍ଯ୍ୟ ଚାଲୁ ରଖିଥିବାରୁ ଆଗାମୀ ଦିନରେ ଜଳ ନିଷ୍କାସନ ସମସ୍ୟା ସୃଷ୍ଟି ହେବ । ଏଥିପାଇଁ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ମାଧ୍ୟମରେ ଏ ବିଷୟରେ ଅବଗତ କରାଇବା ସହ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି ।

# ଓଡ଼ିଶା ଜଳବାୟୁରେ ଫଳିଛି ସବୁଜ ସେଓ



ଧର୍ମଗଡ଼ (ଭିଓଭି): ଓଡ଼ିଶା ଜଳବାୟୁରେ ସବୁଜ ସେଓ ଚାଷ । ବିଶ୍ୱାସ ହେଉନଥିଲେ ବି ସତ । କାରଣ ଓଡ଼ିଶା ଭଳି ଗରମ ଜଳବାୟୁରେ ସେଓ ଫଳିବା ସମ୍ଭବ ନୁହେଁ । ମାତ୍ର ଅତ୍ୟଧିକ ଥଣ୍ଡା ଜଳବାୟୁରେ ଫଳୁଥିବା ସେଓକୁ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରାରେ ପରୀକ୍ଷାମୂଳକ ଭାବେ ଚାଷ କରି ସଫଳ ହୋଇଛନ୍ତି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନସ୍ଥ କଦଳୀମୁଣ୍ଡା ଗ୍ରାମର ଯୁବ ଚାଷୀ କାଳେଶ୍ୱର କାଣ୍ଡ । ସେ ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛନ୍ତି ।

କାଳେଶ୍ୱରଙ୍କ ବଗିଚାରେ ୧୫୦ରୁ ଅଧିକ ଗଛରେ ଫଳିଛି ଗ୍ରୀନ୍ ସେଓ । ଗତ ଅଢ଼େଇ ବର୍ଷ ତଳେ କରୋନା ଲକଡାଉନ ସମୟରେ ୟୁଟ୍ୟୁବ ଏବଂ ଇଣ୍ଟରନେଟ ମାଧ୍ୟମରେ ସେଓ ଚାଷ ସଂପର୍କରେ ତଥ୍ୟ ସଂଗ୍ରହ କରି ସେ କାମ ଆରମ୍ଭ କରିଥିଲେ । ସେଓ ଚାଷ କିପରି ଅଧିକ ତାପମାତ୍ରା ଜଳବାୟୁରେ ହୋଇ ପାରିବ ଭାବି ସେ କୃଷି ଗବେଷଣା ସଂସ୍ଥାମାନଙ୍କ ସହ ଯୋଗାଯୋଗ ଆରମ୍ଭ କଲେ । ଏହାପରେ ସେ ହିମାଚଳ ପ୍ରଦେଶରୁ ୧୫୦ଟି ସେଓ ଚାରା ମଗାଇ ନିଜର ୭୦ ଡେସିମିଲ ଜାଗାରେ ଚାରା ରୋପଣ କରିଥିଲେ । ସେଓ ଚାଷ ପାଇଁ ଧର୍ମଗଡ଼ ଉଦ୍ୟାନ ବିଭାଗ ମଧ କାଳେଶ୍ୱରଙ୍କୁ ସହଯୋଗ କରିଥିଲେ । ଏବେ ତାଙ୍କ ବଗିଚାରେ ଫଳୁଥିବା ସେଓ ଭାରି ସୁଆଦିଆ । ତାଙ୍କ ବଗିଚାରେ ଫଳିଥିବା ସେଓ ଦେଖିବାକୁ ଲୋକମାନଙ୍କ ଭିଡ଼ ଲାଗିରହିଛି ।

ଏହି କାର୍ଯ୍ୟରେ ପତ୍ନୀ ସାବିତ୍ରୀ କାଣ୍ଡଙ୍କ ପ୍ରେରଣା ତାଙ୍କୁ ଆଗକୁ ବଢ଼ାଇଛି । ପୂର୍ବରୁ ପିଜୁଳି ଚାଷ ପାଇଁ କଦଳୀମୁଣ୍ଡା ଗାଁ ପ୍ରସିଦ୍ଧ ରହିଥିବା ବେଳେ ଏବେ ସଫଳତାର ସହ ସେଓ ଚାଷ କରି ଅନ୍ୟ ଯୁବ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି । ଆଗକୁ ଏଠାରେ ସେଓ ଚାରା ପ୍ରସ୍ତୁତି ପାଇଁ ମଧ ଯୋଜନା ଆରମ୍ଭ କରିଛନ୍ତି କାଳେଶ୍ୱର । ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି ସ୍ଥାନୀୟ ବାସିନ୍ଦା ।

ସରକାରୀ ସାହାଯ୍ୟ, ସହଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଆଗକୁ ଆହୁରି ଭଲ ଚାଷ କରିବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି କାଳେଶ୍ୱର କହିଛନ୍ତି ।

## ପାନୀୟ ଜଳ ସମସ୍ୟା ନେଇ ଗଛ ପକାଇ ରାସ୍ତାରୋକ

ଲାଞ୍ଜିଗଡ(ଭିଓଭି): ଜଳ କଷ୍ଟ ସହି ନ ପାରି ବିଶ୍ୱନାଥପୁର ଠାରୁ ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଗଛ ପକାଇ ରାସ୍ତାରୋକ କରିଥିବା ଚିତ୍ର ସାମ୍ନାକୁ ଆସିଛି ବାଲ୍ଟି ଗରା ରଖି ରାସ୍ତା ରୋକ କରିଛନ୍ତି ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ଅଧିନସ୍ଥ ଡଙ୍ଗାଜୋର ଛକ ନିକଟରେ ବସବାସ କରୁଥିବା ଜନସାଧାରଣ । ସୁଚନା ଅନୁସାରେ ଆଜିକୁ ଦଶ ବର୍ଷ ହେଲା ପାନୀୟଜଳ ସମସ୍ୟା ନେଇଁ ସରପଞ୍ଚଙ୍କଠୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ଗୁହାରି କରି ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ପରେ ଆଜି ରାସ୍ତା ରୋକ କରିଥିବା ଗଣମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି ଗାଁ ଲୋକେ । ଏନେଇ କୌଣସି ମତେ ଖବର ପାଇ ଲାଞ୍ଜିଗଡ଼ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଦଶମନ୍ତ ମାଝୀ ଘଟଣା ସ୍ଥଳେ ପହଞ୍ଚି ସମସ୍ୟା ଉପରେ ଆଲୋଚନା କରିଥିଲେ । ଆସନ୍ତା ମେ ୫ ତାରିଖ ମଙ୍ଗଳବାର ଦିନ ଏକ ନଳକୂପ ଖନନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଥିଲେ ଡଙ୍ଗାଜୋର ଛକ ପଡ଼ାର ଲୋକେ ।

# "SAINT BHIM BHOI:
# A LEGACY OF SPIRITUAL DEPTH AND SOCIAL EQUALITY"



**Nihar Ranjan Acharya**



Saint Bhim Bhoi, also known as Mahima Swami, was a revered poet, philosopher, and religious figure from Odisha, India. He was born at Jatasinga, near Subalya, Subarnapur near Rairakhol, Sambalpur in the year 1850 and died in 1895 at Khillipali, Sambalpur. He was married and had two children. His following Odia Poem became world famous:

"Praninka Arata, Dukha Apramita, Dekhu Dekhu Keba Sahu,

Mo Jibana Pachhe Narke Padithau, Jagata Uddhara Heu.

"Witnessing the plethora of plights on earth how one could bear with; let the world get redeemed at my cost." This has been inscribed on the wall of the United Nation's Organization (UNO) Hall in various languages.

He is considered the leading proponent of the Mahima Dharma, a monotheistic and egalitarian religious movement that emphasizes worship of a single, formless, and all-encompassing divine power known as Sunya Brahma.

Bhim Bhoi's teachings and philosophy focused on the unity and equality of all beings, rejecting caste distinction and social hierarchies. His advocacy for simplicity, compassion, and the pursuit of spiritual enlightenment elevated him to the status of a saint. Through his poetry and writings, Bhim Bhoi spread the message of universal love and devotion to the divine. His followers revered him for his deep spiritual insight, unwavering commitment to social justice, and the transformative impact of his teachings.

In contrast to some modern-day corporate saints who may emphasize wealth and personal gain, Bhim Bhoi's life and teachings centered around simplicity, humility, and selfless service. His dedication to living a life aligned with his spiritual beliefs makes him a figure of authentic spirituality and a guide for those seeking a genuine path.

**Simplicity and Authenticity**

Bhim Bhoi's life was marked by simplicity and detachment from material wealth. He chose to live as a mendicant, dedicating his life to spiritual pursuits and the welfare of all beings. His devotion to humility and straightforwardness starkly contrasts with some contemporary spiritual leaders who may appear overly focused on accumulating wealth and personal fame. Bhim Bhoi's life serves as an example of how genuine spiritual practice can lead to profound insights and a deeper understanding of the world.

**Focus on Social Equality**

A core aspect of Bhim Bhoi's teachings was his emphasis on social equality and the rejection of caste distinctions. He believed all people are equal before God and advocated for the upliftment of the marginalized and oppressed. His message of equality and fairness made him a revolutionary figure in his time and continues to inspire contemporary movements advocating for social justice.

**Unconditional Compassion**

Bhim Bhoi's philosophy centered around unconditional love and compassion for all living beings. He encouraged his followers to serve others selflessly, putting the needs of others before their own. His teachings on compassion resonate deeply with people seeking spiritual fulfillment and guidance in today's world, where empathy and understanding can often be in short supply.

**Original Teachings**

Bhim Bhoi's literary works, primarily composed in the Odia language, are revered for their spiritual depth and lyrical beauty. His most famous works include "Stuti Chintamani" and "Brahma Nirupana Gita"," Adianta Gita", Chautisa Granthamala, Nirveda Sadhana, Sruti Nisedha Gita, Manusabha Mandala, Mahima Vinoda in four volumes (unpublished), Brihat Bhajan Mala, and Bangala Atha Bhajan. Among all of the "Stuti Chintamani" is the most important work of Bhim Bhoi. It is a collection of two thousand stanzas. The work is a cluster of lyrics on his life, religion and philosophy. His poetry and writings offer deep spiritual insights and practical guidance for leading a virtuous life. His emphasis on Sunya Brahma as a universal, formless divine power provides a unique perspective on spirituality.

**Legacy of Service**

Bhim Bhoi's impact extends beyond his lifetime through his followers and the ongoing Mahima Dharma tradition, which centers around serving humanity and promoting a higher spiritual vision. His commitment to selfless service and his advocacy for the less fortunate set a standard for true spiritual leadership that continues to resonate today.

**Detachment from Material Gains**

Bhim Bhoi's focus on spiritual awakening and detachment from material gains distinguishes him from some contemporary spiritual leaders who may prioritize wealth and fame. His emphasis on inner peace and spiritual growth through non-material means highlights the transformative power of spirituality that transcends material possessions.

It is hard to believe that he never got formal education. His innovation in words which have made Bhim Bhoi immortal not only in Odia but in all literature. Our Hon'ble Chief Minister Shri Naveen Patnaik (Sir) by recognizing his influence on the society established Bhima Bhoi Research Chair in 2019. The Bhim Bhoi Research Chair envisions to carry out multi-disciplinary research on the life and literature of Bhim Bhoi, in the context of his efforts to empower the deprived and marginalized masses of Odisha. Indian Government's Sahitya Academy has published a book on the life of Bhim Bhoi written by Sj. Sitakanta Mahapatra. But Bhim Bhoi's Jayanti (Birth Anniversary) is yet to be State Event and its thought provoking to all of us.

In conclusion, Saint Bhim Bhoi's enduring legacy lies in his dedication to genuine spirituality, his commitment to social justice and equality, and his life of selfless service. These qualities set him apart from modern spiritual leaders who may have a more commercialized approach. Bhim Bhoi remains a guiding light for those seeking a deeper, more meaningful spiritual path and a life dedicated to the betterment of humanity.

Founder and Working Director, TRUST – a Science Lover Organization
'Scientific Officer',
Indian Climate Congress

**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**

ଭାଗ-୧ । ସଂଖ୍ୟା-୨୬ । ଭୁବନେଶ୍ୱର । ୧୩ ରୁ ୧୯ ମେ' ୨୦୨୪
Vol-1 I Issue-26 I Bhubaneswar I 13 to 19 May 2024

# ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ସଂପଦର ସୁରକ୍ଷା ନିତ୍ୟାନ୍ତ ଦରକାର



ବାଙ୍କୀ (ଭିଓଭି): ବାଙ୍କୀ ଅଞ୍ଚଳରେ ଥିବା ଚନ୍ଦକା –ଡମପଡ଼ା ଅଭୟାରଣ୍ୟ ଓ ନିକଟସ୍ଥ ଗ୍ରାମ୍ୟ ମାନଙ୍କରେ ବହୁ ପୂର୍ବରୁ ମୂଲ୍ୟବାନ ଗଛ ସହିତ ବନ୍ୟପ୍ରାଣୀ ଦେଖାଯାଉଥିଲେ। ଏବେ ପ୍ରକୃତିର ଏହି ଅମୂଲ୍ୟ ଜଙ୍ଗଲ ସଂପଦ ଧ୍ୱଂସାବଶେଷରେ ପରିଣତ ହୋଇଛି। ଏହି ଅଭୟାରଣ୍ୟ ୪ଗୋଟି ଜୋନ୍‌ରେ ଯଥା ଚନ୍ଦକା, ଡମପଡ଼ା, ହଳଦିଆ ଓ ମାନସିଂହ ପାଟଣା ରେଞ୍ଜ ରହିଛି ଏବଂ ଏହାର ଆୟତନ ୧୯୩.୩୯ ବର୍ଗ କି.ମି. ଅଟେ। ଏଥି ସହିତ ନିକଟସ୍ଥ ଗ୍ରାମ ଗୁଡ଼ିକରେ ଗ୍ରାମ୍ୟ ଜଙ୍ଗଲ ଓ ଛୋଟ ଜଙ୍ଗଲ ରହିଥିଲା। ବହୁ ପୂର୍ବରୁ ଏହି ସବୁ ଜଙ୍ଗଲରେ ଶାଗୁଆନ୍, ଶାଳ, କୁରୁମ, ଅସନ, ଶିଶୁ, ବେତ, ବାଉଁଶ, ଗମ୍ଭାରୀ, ଜାମୁ , କୋଚିଲା ଆଦି ବହୁ ମୂଲ୍ୟବାନ ଗଛ ରହିଥିଲା , ତାହା ଏବେ ଦେଖିବାକୁ ମିଳୁନାହିଁ। ବିଶେଷ କରି ଏ ଅଞ୍ଚଳରେ ବହୁ ପରିମାଣରେ ଆମ୍ବ, ପଣସ ଆଦି ଫଳଗଛ ମଧ ରହିଥିଲା। ଜଙ୍ଗଲ ମଧ୍ୟରେ ବିଭିନ୍ନ ପ୍ରକାର କୋଳି, ଖଜୁରି, ବେଲ ଆଦି ସ୍ୱାଦିଷ୍ଟ କିସମର ଫଳ ଭରପୁର ଥିଲା। ଏତଦ୍‌ବ୍ୟତୀତ ଜଙ୍ଗଲରେ ବାଘ, ଭାଲୁ, ହରିଣ, ଗଧିଆ, କୁଟୁରା, ଠେକୁଆ, ଝିଙ୍କ, ଗାଡଭାଲୁ, ଶଳିଆପତନି ଓ ବିଭିନ୍ନ ପ୍ରକାରର ସାପ ଏବଂ ପକ୍ଷୀ ବାସ କରୁଥିଲେ। ଜଙ୍ଗଲ ସଂପଦ ଧ୍ୱଂସ ହେବା ଫଳରେ ଏସବୁ ବୃକ୍ଷଲତା ଓ ପଶୁପକ୍ଷୀ ଆଉ ଦେଖିବାକୁ ମିଳୁନାହିଁ। ଏହି ଅଭୟାରଣ୍ୟରେ ୬୦ଗୋଟି ହାତୀ ରହିବାର ବ୍ୟବସ୍ଥା ଥିଲେ ମଧ ଖାଦ୍ୟ ଅଭାବରୁ ଏଠାକାର ହାତୀ ପଲ୍ଲ ନିକଟସ୍ଥ ଗ୍ରାମ ଓ ସହରମାନଙ୍କୁ ଯିବା ଆସିବା ଫଳରେ ବହୁ ଧନସଂପତ୍ତି ନଷ୍ଟ ହେବାରେ ଲାଗିଛି। ଏହି ଅଭୟାରଣ୍ୟ ଭିତରେ ୫ଗୋଟି ପଡାଗ୍ରାମ ଯଥା ଢ଼ୋଲକାଠ, ନୂଆକୂଅ, ପିଠାଖିଆ, ଡାଆଣୀଗାଡିଆ ଓ ବେହେଣ୍ଟା ସାହି ରହିଛି। ଏହା ଫଳରେ ସେଠାରେ ରହୁଥିବା ଆଦିବାସୀଙ୍କ ଚଳପ୍ରଚଳ ଯଥା ଶିକାରୀମାନଙ୍କ ପାର୍ଦୁଭାବ ଫଳରେ ବନ୍ୟଜନ୍ତୁ ଶିକାର କରିବା ଫଳରେ ବିଭିନ୍ନ ପ୍ରକାରର ବନ୍ୟଜନ୍ତୁ ଲୋପ ପାଇବାକୁ ବସିଲାଣି। ପରିବେଶର ସନ୍ତୁଳନ ପାଇଁ ବନ୍ୟଜନ୍ତୁ ଓ ବୃକ୍ଷଲତାଙ୍କର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର , ବନବିଭାଗ ଓ ନିକଟସ୍ଥ ଗ୍ରାମାବାସୀମାନେ ମିଳିତ ସହଭାଗିତାରେ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମାନବ ସମାଜର ସୁସ୍ଥ ଜୀବନଯାପନ ପାଇଁ ପ୍ରକୃତି ଓ ପ୍ରାକୃତିକ ସଂପଦର ମୂଲ୍ୟ ଅଧିକ ଅଟେ। ଏବେ ଏହି ଜଙ୍ଗଲରେ କିଛି ପରିମାଣରେ ଭାଲୁ, ବାରାହା, କୁଟୁରା, ଠେକୁଆ, ମୟୂର, ଗଧିଆ , ଝିଙ୍କ, ବିଲୁଆ କାଁ ଭାଁ ଦେଖିବାକୁ ମିଳୁଛି। ଏ ଦିଗରେ ସରକାରଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉଦ୍ୟମ କଲେ ଜଙ୍ଗଲ ସଂପଦ ସୁରକ୍ଷା ହୋଇ ପାରିବ ବୋଲି ପରିବେଶବିତ୍ ତଥା ପ୍ରକୃତି ବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ଅନୁରୋଧ କରିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ଗେଙ୍ଗୁଟି ସେତୁବନ୍ଧ



**ଭଣ୍ଡାରିପୋଖରୀ** (ଭିଓଭି): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଗ୍ରାମପଞ୍ଚାୟତ ତିଖିଲିଆ ଗ୍ରାମକୁ ସଂଯୋଗ କରୁଥିବା ସେତୁଟି ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ସୂଚନା ମୁତାବକ ତିଖିଲିଆ ଗାଁକୁ ସଂଯୋଗ ପାଇଁ ଦାଣ୍ଡ କୂଳ ଗାଁ ନିକଟ ଗେଙ୍ଗୁଟି ନାଳ ଉପରେ ୨୦୦୩ ମସିହାରେ ସେତୁ ନିର୍ମାଣ ହୋଇଥିଲା। ପଞ୍ଚାୟତର ପାଟ ଅଂଚଳରେ ଗାଁଟି ରହିଥିବା ବେଳେ ବର୍ଷା ଦିନେ ଏହା ବାହ୍ୟ ଜଗତରୁ ପ୍ରାୟ ବିଛିନ୍ନ ରହିଥାଏ। ବିଶେଷ କରି ବୈତରଣୀ ନଦୀରେ ବନ୍ୟା ଆସିଲେ ତିଖିଲିଆ ଗ୍ରାମଟି ଏକ ଦୀପ ସଦୃଶ ଦୃଶ୍ୟମାନ ହୋଇଥାଏ। ଯାତାୟାତ ପାଇଁ ଏକ କଚ୍ଚା ରାସ୍ତା ରହିଥିବା ବେଳେ ଲୋକଙ୍କ ସମସ୍ୟାକୁ ଲକ୍ଷ୍ୟ କରି ୨୧ ବର୍ଷ ପୂର୍ବରୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ ସେତୁଟି ଏବେ ଦୁର୍ବଳ ହୋଇ ଗଲାଣି। ଆରମ୍ଭରୁ ଏହାର ସୁରକ୍ଷା ପ୍ରାଚୀର ନଥିବା ବେଳେ ସେତୁଟିରୁ ଏବେ ପ୍ଲାଷ୍ଟର ଖସିଲାଣି। ଯଦିଓ ଏବେ ମୁଢାପଦା ଛକଠାରୁ ଗାଁକୁ ପ୍ରଥମକରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସୁଦୀର୍ଘ ରାସ୍ତା ନିର୍ମାଣ ହେଉଛି କିନ୍ତୁ ଗେଙ୍ଗୁଟି ନାଳ ଉପରେ ନୂତନ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ନଥିବା ଜଣାପଡ଼ିଛି। ନିର୍ମାଣଧିନ ନୂଆ ରାସ୍ତା ମଝିରେ ଏହି ପୁରୁଣା ସେତୁକୁ ନେଇ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହା ଉପରେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ନଦୀପଠା, ଗ୍ରାମ୍ୟ ରାସ୍ତା କଡରେ ମାଳମାଳ ଇଟାଭାଟି

ହିଞ୍ଜିଳିକାଟୁ (ଭିଓଭି): ହିଞ୍ଜିଳିକାଟୁ ତହସିଲ ଅଧିନ ବିଭିନ୍ନ ଗ୍ରାମାଞ୍ଚଳର ନଦୀପଠା ଠାରୁ ଆରମ୍ଭ କରି ରାସ୍ତାକଡ଼ରେ ଗଢି ଉଠିଛି ମାଳମାଳ ମାଟିପୋଡ଼ା ଇଟାଭାଟି । ତାହା ବି ପ୍ରଶାସନର ଗୋଚରରେ । ଅଦାଲତ, ସରକାର ଓ ପ୍ରଶାସନର ଅଙ୍କୁଶକୁ ବି ଖାତିର ନାହିଁ । ଆଉ ଏହା ଉପରେ ରୋକ୍ ଲଗାଇବାରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିବାକୁ ସାହସ ଜୁଟାଇପାରୁନି । ସବୁ ଆଇନ କେବଳ ଟେବୁଲ ତଳ ଫାଇଲ, ଭାଷଣ ସମେତ କାଗଜ କଲମ ମଧ୍ୟରେ ସୀମିତ ହୋଇ ରହିଥିବା ବେଳେ ବିଭାଗୀୟ ଅଧିକାରୀ ସତେ ଯେପରି ନିଘୋଡ଼ ନିଦ୍ରାରେ ଶୋଇଥିବା ଭଳି ମନେ ହେଉଛି । ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ସରକାର ଫ୍ଲାଏଆସ୍ ଇଟାର ବ୍ୟବହାରକୁ ଗୁରୁତ୍ୱ ଦେଉଥିବା ବେଳେ ଏହାକୁ ଇଟାଭାଟି ମାଲିକ ମାନେ ମାନିବାକୁ ନାରାଜ । ସରକାରଙ୍କ ସମସ୍ତ ନିର୍ଦ୍ଦେଶକୁ ବେଖାତିର କରି ସେମାନେ ମନମାନି ଚଳାଉଛନ୍ତି । ହିଞ୍ଜିଳିକାଟୁ ତହସିଲ ଅଧିନ ଖରିଡ଼ା, ଆଳପୁର, ଚାନ୍ଦୁଲି, ବାଳକୃଷ୍ଣପୁର, ବେଲଗାଁ, ଗଣ୍ଡଳା, ଭାବନ୍ଦ, ଶିଖରପୁର ଭଳି ବିଭିନ୍ନ ଗ୍ରାମରେ ଛତୁ ଫୁଟିଲା ଭଳି ବେଆଇନ ମାଟି ପୋଡ଼ା ଇଟାଭାଟି ଦେଖିବାକୁ ମିଳୁଛି । ସବୁଠାରୁ ଉଦବେଗର ବିଷୟ ହେଲା ଏ ସମସ୍ତ ଇଟାଭାଟି ରାଜସ୍ୱ ନିୟମକୁ ଖୋଲାଖୋଲି ଉଲଙ୍ଘନ କରୁଛନ୍ତି । ରାଜସ୍ୱ ନିୟମ ଅନୁସାରେ ଜନବସତି, ନଦୀତଟ, ରାଜରାସ୍ତାଠୁ ୫ଶହ ମିଟର ଦୂର ଓ ଚାଷ ଜମିରେ ଇଟାଭାଟି ନିର୍ମାଣ ଉପରେ ନିଷେଧାଦେଶ ଜାରି କରାଯାଇଛି । କିନ୍ତୁ ହିଞ୍ଜିଳିକାଟୁ ତହସିଲ ଅଧିନସ୍ଥ ବିଭିନ୍ନ ରାଜସ୍ୱ ଗ୍ରାମରେ ଏଭଳି ସ୍ଥାନରେ ହିଁ ଗଢି ଉଠିଛି ମାଟିପୋଡ଼ା ଇଟାଭାଟି । କେତେକ ଗ୍ରାମର ଜନବସତି ନିକଟରେ, ରାସ୍ତା କଡ଼ରେ ଓ ନଦୀ ତଟରେ ହିଁ ଇଟାଭାଟି ତିଆରି କରି ପ୍ରଶାସନକୁ ମାଲିକ ମାନେ ଖୋଲାଖୋଲି ଚ୍ୟାଲେଞ୍ଜ ଦେଉଛନ୍ତି । ଏଥି ସହ ସେମାନଙ୍କ ପାଖରେ ପରିବେଶ ମଞ୍ଜୁରୀ ନଥିବା ବେଳେ ପଞ୍ଜିକରଣ ନିୟମକୁ ବି ମାନୁନାହାନ୍ତି । ପରିତାପର ବିଷୟ, ଏସବୁ ଦେଖିବି ପ୍ରଶାସନିକ ଅଧିକାରୀ ମାନେ ନିରବଦ୍ରଷ୍ଟା ସାଜିଛନ୍ତି । କେବଳ ଉପର ଠାଉରିଆ ଚଢାଉ କରାଯାଉଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଉଛି ।ଆଉ ସବୁ ଇଟାଭାଟି ମାଲିକ ମାନେ ଜରିମାନା ଦେଇ ପୁଣି ଲକ୍ଷାଧିକ ଟଙ୍କାର ବେପାର ଆରମ୍ଭ କରି ଦେଉଛନ୍ତି । ସେହିପରି ଇଟା ପୋଡ଼ିବାକୁ କୋଇଲା ଓ ତସୁର ବ୍ୟବହାର ଦ୍ୱାରା ପ୍ରଦୂଷଣ ମାତ୍ରା ବି ବଢୁଛି । ମାଟିପୋଡ଼ା ଇଟାଭାଟି ଦ୍ୱାରା ସଂପୃକ୍ତ ଏବଂ ନିକଟବର୍ତ୍ତୀ ଅଞ୍ଚଳର ଜମିର ଉର୍ବରତା ହ୍ରାସ ପାଇବା ସହ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଯକ୍ଷ୍ମା ରୋଗରେ ପିଡ଼ିତ ହେଉଥିବାର ନଜିର ରହିଛି । ସେପଟେ ବର୍ଷାକୁ ଆଖି ଆଗରେ ରଖି ମାଲିକ ମାନେ ଇଟା ପୋଡ଼ି ସଞ୍ଚୟ କରି ରଖିଛନ୍ତି । ସରକାରୀ ନିୟମାନୁସାରେ, ଏକ ହଜାର ଇଟା ପାଇଁ ରାଜସ୍ୱ ୧୦୫ ଟଙ୍କା, ଜଳକର ୩୦ ଟଙ୍କା, ସରଫେସ୍ ରେଣ୍ଟ ୩୬୦ ଟଙ୍କା ଓ ଶତକଡ଼ା ୨ ପ୍ରତିଶତ ଆୟକର ଜମା କରିବା ପାଇଁ ନିୟମ ରହିଛି । ଏଥିସହ ହେକ୍ଟର ପିଛା ପ୍ରତିବର୍ଷକୁ ଡ଼େଡ ରେଣ୍ଟ ହିସାବରେ ବର୍ଷକୁ ୧୦ ହଜାର ୫ ଶହ ଟଙ୍କା ପ୍ରଦାନ କରିବା ସହ ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ଼ର ସମସ୍ତ ନିୟମକୁ ଇଟାଭାଟି ମାଲିକ ମାନେ ମାନିବାକୁ ବାଧ୍ୟ ଅଟନ୍ତି । ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷ ଦୃଷ୍ଟି ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

# ଶୁଷ୍କ ଓ କଣ୍ଟା ବୁଦାରେ ପୂର୍ଣ୍ଣ ପାରଳାର ବହୁ ପୁରାତନ ବୃହତ ପୋଖରୀ

**ପାରଳାଖେମୁଣ୍ଡି** (ଭିଓଭି): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରାଞ୍ଚଳର ୱାର୍ଡ ନମ୍ବର ୧୧ରେ ଥିବା ପଟ୍ଟନାୟକ ପୋଖରୀ ସହରର ଅତ୍ୟନ୍ତ ପୁରାତନ ଓ ବୃହତମ ପୋଖରୀ ଅଟେ। ଏହି ପୋଖରୀର ପୁନଃରୁଦ୍ଧାର ଓ ଉନ୍ନତି ପାଇଁ ବର୍ତ୍ତମାନ ସୁଦ୍ଧା ଦେଢ଼ କୋଟିରୁ ଉର୍ଦ୍ଧ ଟଙ୍କାର ଆର୍ଥିକ ଅନୁଦାନ ବ୍ୟୟ କରାଯାଇଛି। ତଥାପି ବର୍ତ୍ତମାନ ପୋଖରୀର ପରିବେଶ ଅତ୍ୟନ୍ତ ଶୋଚନୀୟ ଓ ଅପରିଷ୍କାର ହୋଇପଡିଛି। ପାରଳାର ବହୁ ପୁରାତନ ଓ ବୃହତ ଏହି ପଟ୍ଟନାୟକ ପୋଖରୀଟି ଶୁଷ୍କ ଓ କଣ୍ଟା ବୁଦାରେ ପରିପୂର୍ଣ ହୋଇ ବର୍ତ୍ତମାନ ଯେଉଁ ଅବସ୍ଥା ହୋଇଛି ସେ ନେଇ ସହରରେ ଅସନ୍ତୋଷ ବୃଦ୍ଧି ପାଇଛି। ସାଧାରଣରେ ଦାବି କରାଯାଇଛିଯେ ଦେଢ଼ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟ କଣ କାଗଜ କଲମରେ କରାଯାଇ ଅନୁଦାନକୁ ଆତ୍ମସାତ କରାଯାଇଥିବା ଭଳି ସ୍ପଷ୍ଟ ହୋଇଛି। ଏନେଇ ଭିଜିଲାନ୍ସ ବିଭାଗ ତରଫରୁ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ଅଟେ। ପାରଳା ସହରର କେତେଜଣ ବୁଦ୍ଧିଜୀବୀ କହିଛନ୍ତି ଯେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସହିତ ଉତ୍ତାପ ୪୪ ଡିଗ୍ରୀରେ ପହଞ୍ଚିଲା ବେଳେ ପଟ୍ଟନାୟକ ପୋଖରୀକୁ ଆଜି ଜରଜୀର୍ଣ୍ଣ ଅବସ୍ଥାରେ ପଡିଛି। ପଟ୍ଟନାୟକ ପୋଖରୀକୁ ପଙ୍କୋଦ୍ଧାର କାର୍ଯ୍ୟ କରିବା ଆଳରେ ୨୦୧୩ ମସିହା ଠାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରିଲା ନାହିଁ। ଦୁଃଖ ଓ ପରିତାପରର ବିଷୟ ଯେ ପ୍ରଥମେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ପାଇଁ ବିଆରଜିଏଫ ଫଣ୍ଡରେ ୧୫ଲକ୍ଷ, ଓ ଦଶମ ଫାଇନାନ୍ସ ଯୋଜନାରେ ୧୦ଲକ୍ଷ ବିନିଯୋଗରେ ପୋଖରୀ ସଂପୂର୍ଣ ରୁପେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଏହା ପରେ ୨୦୧୯-୨୦ ମସିହାରେ ଟେଣ୍ଡର ପ୍ରକ୍ରିୟା ଦ୍ୱାରା ୧କୋଟି ୩୨ଲକ୍ଷ ବ୍ୟୟ ଅଟକଳ ଖର୍ଚ୍ଚରେ ପୋଖରୀ ଚାରିପଟେ କାନ୍ଥ କରାଯିବା ସହିତ ଉପରେ ମାଟି ଲେବେଲ କରିଥିଲେ। ଯାହା ଫଳରେ ନାଗରିକମାନେ ସକାଳ ସମୟରେ ପାଦ ଚଲାରେ ଭ୍ରମଣ କରିପାରିବେ। ବନ୍ଧହୁଡା ଉପରେ ସୁନ୍ଦର ଗଛ ଲଗାଇବା ସହ ସୁନ୍ଦର ପରିବେଶର ଗୋଟିଏ ଚଲାପଥ ତିଆରି କରିବାକୁ ବିଭାଗୀୟ ପକ୍ଷରୁ କାଯ୍ୟାଦେଶ ଦିଆଯାଇଥିଲା। ହେଲେ ଆଜି ସୁଦ୍ଧା କୌଣସି କାର୍ଯ୍ୟକ୍ରମ ସଠିକ୍ ଭାବରେ ହୋଇନାହିଁ। କିନ୍ତୁ ସେ ବାବଦରେ ୧କୋଟି ୩୨ଲକ୍ଷ ଖର୍ଚ୍ଚ ହୋଇଛି ବୋଲି ବିଭାଗୀୟ ସୁତ୍ରରୁ ଜଣାପଡିଛି। ଏହି ପୋଖରୀରେ ପୁନଃ ଉଦ୍ଧାର କରିବା ସକାଶେ ଆଜିକୁ ପନ୍ଦର ବର୍ଷ ବିତିଗଲା, ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନ ମେ' ମାସ, ଏହି ପୋଖରୀଟି ଶୁଷ୍କ ହୋଇ କଣ୍ଟା ବୁଦାରେ ପରିପୂର୍ଣ ହୋଇଛି। ଏହି ପୋଖରୀଟି ପୂରାତନ କାଳରୁ ସହରର ବୃହତ ପୋଖରୀ ଭାବେ ପରିଚିତ। ଏହି ପୋଖରୀ ଉପରେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ଗାଧୁଆ, ଶୌଚ କରିବାରେ ବହୁତ ସାହାଯ୍ୟରେ ଆସିବା ସହିତ ଏହି ଅଞ୍ଚଳର ଲୋକେ ଶ୍ରାଦ୍ଧ, ପିତୃ କାର୍ଯ୍ୟ ଆଦି ଏଠାରେ ଚାରି ଦିନ ଠାରୁ ଆରମ୍ଭ କରି ଦଶାହ କାର୍ଯ୍ୟ ନିର୍ବାହୀ କରିବାରେ ପୋଖରୀଟି ବିନିଯୋଗ ହେଉଥିଲା। ବର୍ତ୍ତମାନ ଏହି ପୋଖରୀ ପାଣି ଶୁଖିବା ଯୋଗୁଁ ଏହି କାର୍ଯ୍ୟକ୍ରମ କରିବା ଲୋକଙ୍କ ପକ୍ଷରେ ବହୁତ କଷ୍ଟକର ହେବା ସହିତ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛନ୍ତି। ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଏହି ପୋଖରୀ ଉପରେ ବହୁତ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ହରାଇଛନ୍ତି ଫଳରେ ପୋଖରୀରେ ପାଣି ନଥୁବାରୁ ମତ୍ସ୍ୟଜୀବୀ ମାନେ ତାଙ୍କର ଜୀବିକା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି।

# ଲୋକଙ୍କୁ ମିଳୁନି ପିଇବା ପାଣି, ବସୁଧା ଯୋଜନା ଅଚଳ ଅବସ୍ଥାରେ

ବାଙ୍କୀ (ଭିଓଭି): ବାଙ୍କୀ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତରେ ଜନସାଧାରଣମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହି ପଞ୍ଚାୟତରେ ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ହେଉଛି ପିଇବା ପାଣି। ଏହି ପଞ୍ଚାୟତର ସମିତି ସଭ୍ୟା ପୁଷ୍ପଲତା ସାମନ୍ତ ବ୍ଲକ ଅଧକ୍ଷା ଭାବରେ ନିର୍ବାଚିତ ହୋଇଛନ୍ତି। ବାଙ୍କୀ ବ୍ଲକର ଅଧକ୍ଷାଙ୍କ ପଞ୍ଚାୟତରେ ଲୋକମାନେ ପାନୀୟ ଜଳ ପାଇ ପାରୁ ନଥିବା ବେଳେ ଅନ୍ୟ ପଞ୍ଚାୟତର ଅବସ୍ଥା କିପରି ଥିବ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଲୋକମାନଙ୍କୁ ସୁବୁଧାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ 'ବସୁଧା' ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଗ୍ରାମରେ ପାଇପ୍ ବିଛାଇ ପାନୀୟ ଜଳ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ ଜନସାଧାରଣମାନେ ଏହି ଯୋଜନାର ସୁଫଳ ପାଇପାରୁ ନାହାଁନ୍ତି। ଏହି ପଞ୍ଚାୟତରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ବାସକରନ୍ତି। ବଳଭଦ୍ରପୁର ଗ୍ରାମ ପାଇଁ ବସୁଧା ଯୋଜନାରେ ପାଇପ୍ ବିଛା ଯାଇଛି ଏବଂ ପଂଚାୟତ କାର୍ଯ୍ୟାଳୟ ନିକଟରେ ଉଚ୍ଚକ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ କରାଯାଇଛି । ପଂଚାୟତର ବାଲିପାହାଡ଼ ଠାରେ ଭୂତଳ ଜଳ ସଂଗ୍ରହ ପାଇଁ ଓଭର ହେଡ୍ ଟାଙ୍କି ନିର୍ମାଣ କରାଯାଇଛି। କିନ୍ତୁ ଏ ଅଞ୍ଚଳର ଜନସାଧାରଣ ପାନୀୟ ଜଳ ପାଇ ନପାରି କୂଅ ପୋଖରୀର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ବାଙ୍କୀ ବ୍ଲକରେ ଥିବା ଗ୍ରାମ୍ୟ ଜଳଯୋଗାଣ ବିଭାଗ କର୍ତ୍ତୁପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ ବିଭାଗୀୟ କର୍ତ୍ତୁପକ୍ଷ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହି ଦିନ ଗଡାଇ ଚାଲିଛନ୍ତି। ବାଧ୍ୟ ହୋଇ ଗ୍ରାମର ମହିଳାମାନେ ମଇଳା କୂଅ ପାଣି ସହ ନଳକୂପର ଫ୍ଲୋରାଇଡ୍ ମିଶା ପାଣି ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏ ସଂପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ସତ୍ୟନାରାୟଣ ରଥଙ୍କୁ ପଚାରିବାରେ ସେ କହିଲେ ଆଜି ମେସିନ୍ ତୁରନ୍ତ ମରାମତି କରାଯାଇ ପାନୀୟ ଜଳଯୋଗାଣ ସ୍ୱାଭବିକ କରାଯିବ ବୋଲି କହିଛନ୍ତି ।

### ସମୟ ସୀମା ମଧ୍ୟରେ ସୂଚନା ପ୍ରଦାନରେ ଖିଲାପ

# ଅର୍ଥ ଦଣ୍ଡରେ ଦଣ୍ଡିତ ହେଲେ ଦୁଇ ସୂଚନା ଅଧିକାରୀ

ପୁରୀ (ଭିଓଭି) : ସୂଚନା ଅଧିକାର ଆଇନ ବଳରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୂଚନା ପ୍ରଦାନ କରି ନଥିବାରୁ ପୁରୀ ଜିଲ୍ଲା ଗୋପ ବ୍ଲକ୍‌ର ପୂର୍ବତନ ସୂଚନା ଅଧିକାରୀ ଏବଂ ଗୋପ ବ୍ଲକ୍ ବଡ଼ଗାଁ ପଂଚାୟତର ପୂର୍ବତନ ପିଇଓ ପ୍ରତ୍ୟେକଙ୍କୁ ଓଡିଶା ସୂଚନା କମିଶନ ଦଶହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ମୁତାବକ ପୁରୀ ଜିଲ୍ଲା ଗୋପ ବ୍ଲକ୍ ବଡଗାଁ ପଂଚାୟତରେ ପାଇଖାନା ତିଆରି, ଇନ୍ଦିରା ଆବାସ ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ କିଛି ତଥ୍ୟ ଜାଣିବା ନିମନ୍ତେ ଉକ୍ତ ପଂଚାୟତ ଅନ୍ତର୍ଗତ ଭୂଆଁ ଗ୍ରାମର ସୁଦାମ ଚରଣ ସାହୁ ନାମକ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ଗୋପ ବ୍ଲକ ସୂଚନା ଅଧିକାରୀ ଙ୍କୁ ୨୦୧୯ ମସିହାରେ ଆବେଦନ କରିଥିଲେ। ମାତ୍ର ସୂଚନା ପାଇବା ନିମନ୍ତେ ଉଦ୍ଦିଷ୍ଟ ଦରଖାସ୍ତ ପାଇବାର ୩୦ ଦିନ ମଧ୍ୟରେ ବ୍ଲକ୍ ସୂଚନା ଅଧିକାରୀଙ୍କ ତରଫରୁ ତାଙ୍କୁ କୌଣସି ସୂଚନା ପ୍ରଦାନ କରା ନଯିବାରୁ ସେ ଗୋପ ବ୍ଲକ ବିଡିଓ ତଥା ଫାର୍ଷ୍ଟ ଅପିଲେଟ ଅଥରିଟିଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ମାତ୍ର ଏଠି ମଧ୍ୟ ତାଙ୍କ ଦରଖାସ୍ତର ବିଚାର କରା ନଯିବାରୁ ସେ ୨୦୨୦ ମସିହା ଏପ୍ରିଲ ମାସରେ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଦ୍ୱିତୀୟ ଅପିଲ ଦାଖଲ କରିଥିଲେ। ମାନ୍ୟବର ସୂଚନା କମିଶନ ତାଙ୍କର ଦରଖାସ୍ତଟିକୁ ବିଚାରକୁ ନେଇ କେସ୍ ନଂ.୧୦୩୪/୨୦୨୦ ର ବିଚାର କରି ଘଟଣାରେ ସଂପୃକ୍ତ ଗୋପ ବ୍ଲକ୍ ଏ.ପି.ଓ. ତଥା ପୂର୍ବତନ ସୂଚନା ଅଧିକାରିଣୀ ଶ୍ରୀମତୀ ମୋନାଲିସା ଶତପଥି ଏବଂ ବର୍ତ୍ତମାନ କଣାସ ବ୍ଲକ୍‌ରେ କାର୍ଯ୍ୟରତ ପି.ଇ.ଓ. ତଥା ବଡଗାଁ ପଂଚାୟତ ପୂର୍ବତନ ପି.ଇ.ଓ. ଶିବ ସୁନ୍ଦର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଉଭୟଙ୍କୁ ଦଶହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ଦଣ୍ଡିତ ଅର୍ଥରାଶିକୁ ଅଭିଯୁକ୍ତ ମାନେ ଆଦେଶ ପାଇବାର ତିରିଶ ଦିନ ମଧ୍ୟରେ ଟ୍ରେଜେରି ଚାଲାଣ ମାଧ୍ୟମରେ ଦାଖଲ କରିବେ ନଚେତ୍ ଜୁଲାଇ ଏବଂ ଅଗଷ୍ଟ ମାସର ଦରମାରୁ ମାସକୁ ପାଞ୍ଚ ହଜାର ଟଙ୍କା ହିସାବରେ ଦୁଇ ମାସରେ ମୋଟ ଦଶହଜାର ଟଙ୍କା ଲେଖାଏଁ ଉଭୟଙ୍କ ଦରମାରୁ ଭରଣା କରିବାକୁ ଉଭୟ ଗୋପ ବ୍ଲକ୍ ଏବଂ କଣାସ ବ୍ଲକ୍ ବିଡିଓଙ୍କୁ ଓଡ଼ିଶା ସୂଚନା କମିଶନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଜାଣିବାକୁ ଚାହିଁଥିବା ସୂଚନାରୁ କିଛି ପ୍ରଦାନ କରାଯାଇ ଅଛି ଏବଂ ସେ ବ୍ୟକ୍ତିଗତ ଭାବେ ତନଖି କରିବାକୁ ଥିବା ଅଫିସ୍ କାଗଜାତ ଗୁଡିକ ନିର୍ବାଚନ ପରେ ଉଭୟ ବ୍ଲକ୍ ଅଫିସ୍ ଏବଂ ପଞ୍ଚାୟତ ଅଫିସ୍ ରେ ଉପସ୍ଥିତ ରହି ତନଖି କରି ଅବଶିଷ୍ଟ ଆଉ କିଛି ସୂଚନା ନେଇ ପାରିବେ ବୋଲି ଆଦେଶନାମାରେ ଉଲ୍ଲେଖ କରିଛନ୍ତି। ମାନ୍ୟବର ଓଡ଼ିଶା ସୂଚନା କମିଶନ ବାଳକୃଷ୍ଣ ମହାପାତ୍ରଙ୍କ ଅଦାଲତରେ ଉକ୍ତ ମାମଲାର ବିଚାର ଚାଲିଥିଲା ଏବଂ ପୁରୀ ବାର ଆସୋସିଏସନର ବରିଷ୍ଠ ଆଇନଜୀବି ନୃସିହ ଚରଣ ମହାନ୍ତି ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରିଥିଲେ। ଏ ସମ୍ବନ୍ଧରେ ସୂଚନା ଅଧିକାର କର୍ମୀ ସୁଦାମ ଚରଣ ସାହୁ କୁହନ୍ତି, ଆମ ବଡଗାଁ ପଞ୍ଚାୟତରେ ଇନ୍ଦିରା ଆବାସ, ପାଇଖାନା ତିଆରି ତଥା ଅନେକ ଉନ୍ନୟନ ମୂଳକ କାର୍ଯ୍ୟରେ ହୋଇଥିବା ଆର୍ଥିକ ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଆମର ପ୍ରୟାସ ଜାରୀ ରହିଛି। ଆମକୁ ଏ ସମ୍ବନ୍ଧରେ ସୂଚନା ପ୍ରଦାନ ନକରିବାକୁ ଯଥା ସମ୍ଭବ ଚେଷ୍ଟା କରା ଯାଇଥିଲା ମାତ୍ର ବିଳମ୍ବରେ ହେଉ ପଛେ ଆମ୍ଭକୁ ନ୍ୟାୟ ମିଳିଛି ଏବଂ ମିଳିଥିବା ସୂଚନା ଆମକୁ ନିଶ୍ଚିନ୍ତ ସହାୟକ ହେବ।

## ଜେଲ୍ ଗଲେ ପ୍ରଜ୍ୱଳଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିବା ବିଜେପି ନେତା

ନୂଆଦିଲ୍ଲୀ: ଜେଲ୍ ଗଲେ ଜେଡିଏସ୍ ସାଂସଦ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବଗୌଡାଙ୍କ ନାତି ପ୍ରଜ୍ୱଳ ରେଭାନ୍ନାଙ୍କ ବିରୋଧରେ ଯୌନ ନିର୍ଯାତନା ଆଣିଥିବା ବିଜେପି ନେତା। ଘଟଣା ବିଳମ୍ବିତ ରାତିରେ ଜି ଦେବରାଜେ ଗୌଡାଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି।



ବେଙ୍ଗାଲୁରୁର ଚିତ୍ରଦୁର୍ଗା ଅଭିମୁଖେ ଯାତ୍ରା କରୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ପୁଲିସ ଜି ଦେବରାଜେ ଗୌଡାଙ୍କୁ ଗୁଲିହାଲ ଟୋଲ୍ ଗେଟ୍ ନିକଟରୁ ଗିରଫ କରିଛି। ତାଙ୍କ ବିରୋଧରେ ଯୌନ ଶୋଷଣ ଓ ଭିଡିଓ ଲିକ୍ କରିବା ଅଭିଯୋଗରେ ରହିଛି।

ଜଣେ ୩୬ ବର୍ଷୀୟା ମହିଳା ଏହି ବିଜେପି ନେତାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ସେ କୁଆଡ଼େ ମହିଳାଙ୍କ ନାମରେ ଥିବା ଜମି ବିକ୍ରି କରାଇଦେବି କହି ତାଙ୍କ ସହ ପ୍ରାୟ ୧୦ ମାସ ଯାଏ ଶାରୀରିକ ସମ୍ପର୍କ ରଖିଥିଲେ। ତେବେ ପରେ ମହିଳା ଜଣକ ଏହି ବିଜେପି ନେତାଙ୍କ ବିରୋଧରେ ସ୍ୱର ଉଠାଇଥିଲେ।

ଏହା ବ୍ୟତୀତ ଉକ୍ତ ମହିଳାଙ୍କ ସ୍ୱାମୀ ଦେବରାଜେ ଗୌଡାଙ୍କ ବିରୋଧରେ ତାଙ୍କ ଘରେ ପଶି ଧମକାଇବା ଓ ଦୁର୍ବ୍ୟବହାର କରିଥିବା ଅଭିଯୋଗ ମଧ୍ୟ କରିଛନ୍ତି। କେବଳ ସେତିକି ନୁହେଁ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ରହିଛି। ଉଭୟଙ୍କ ତରଫରୁ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଅନୁସରେ ପୁଲିସ ଉକ୍ତ ବିଜେପି ନେତାଙ୍କ ବିରୋଧରେ ମାମଲା ରୁଜୁ କରିଛି।

ଏଥିସହ ଗୌଡା ଅନେକ ମହିଳାଙ୍କର ଯୌନ ଶୋଷଣର ଭିଡିଓ ଲିକ୍ କରିଥିବା ଅଭିଯୋଗ ହୋଇଛି। ସେ ଏହି ଭିଡିଓ ପ୍ରଘଟ କରିଛନ୍ତି ବୋଲି ପୂର୍ବରୁ କଂଗ୍ରେସ ଅଭିଯୋଗ ଆଣିଛି।

ଗତବର୍ଷ ପ୍ରଜ୍ୱଳ ରେବାନ୍ନାଙ୍କ ଯୌନ ଶୋଷଣ ସମ୍ପର୍କରେ ଗୌଡା ବିଜେପି ନେତୃତ୍ୱକୁ ସତର୍କ କରାଇଥିଲେ ଏବଂ ହାସନରୁ ଜେଡି (ଏସ) ନେତାଙ୍କୁ ଲୋକସଭା ଟିକେଟ୍ ନଦେବାକୁ ଦଳକୁ କହିଥିଲେ। ଗତ ବର୍ଷ ଜେଡି (ଏସ୍) ସହିତ ଏକ ମେଣ୍ଟ ଗଠନ କରିଥିବା ବିଜେପି ହାସନରୁ ପ୍ରଜ୍ୱଳଙ୍କୁ ଟିକେଟ୍ ଦେବାକୁ ସ୍ଥିର କରିଥିଲା।

## ‘ଲିଭ୍-ଇନ୍ ରିଲେସନ୍ ଶିପ୍ ଭାରତୀୟ ସଂସ୍କୃତି ପାଇଁ କଳଙ୍କ’

ନୂଆଦିଲ୍ଲୀ: ଆଜିକାଲି ଅଧିକାଂଶ ଯୁବପୀଢ଼ି ବିବାହା ପୂର୍ବରୁ ଲିଭ-ଇନ୍ ରିଲେସନଶିପ୍‌ରେ ରିବାକୁ ପସନ୍ଦ କରନ୍ତି। ଅଧିକାଂଶ ଲିଭ୍-ଇନ୍ ରିଲେସନଶିପ୍‌ରେ ରହୁଛନ୍ତି ମଧ୍ୟ। ଏହା ଆଜିକାଲି ଏକ ଫ୍ୟାଶନ୍‌ରେ ପାଲଟି ଗଲାଣି। ବିବାହ ପୂର୍ବରୁ ପରସ୍ପରକୁ ଭଲ ଭାବେ ଜାଣିବା ପାଇଁ ଯୁବକ-ଯୁବତୀ ଲିଭ-ଇନ୍‌ରେ ରହିବାକୁ ପସନ୍ଦ କରନ୍ତି। ତେବେ ଏହି ଲିଭ-ଇନ୍ ରିଲେସନଶିପ୍‌କୁ ନେଇ ଛତିଶଗଡ ହାଇକୋର୍ଟ ଏକ ବଡ ରାୟ ଦେଇଛନ୍ତି। ଏହାକୁ ଭାରତୀୟ ସଂସ୍କୃତି ପାଇଁ କଳଙ୍କ ବୋଲି କହିଛନ୍ତି। ଜଷ୍ଟିସ୍ ଗୌତମ ଭାଦୁଡି ଓ ଜଷ୍ଟିସ ସଞ୍ଜୟ ଏସ୍ ଅଗ୍ରୱାଲଙ୍କ ଦୁଇ ଜଣିଆ ଖଣ୍ଡପୀଠ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମ ହୋଇଥିବା ଶିଶୁର ହେପାଜତ ମାମଲାରେ ଶୁଣାଣି କରି କଡ଼ା ମନ୍ତବ୍ୟ ଦେଇଛନ୍ତି। ବାସ୍ତବରେ, ଶିଶୁଟିର ରକ୍ଷଣାବେକ୍ଷଣ ସଂପର୍କରେ ତା’ ବାପା ଛତିଶଗଡ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ମାମଲାର ଶୁଣାଣି ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି। କଡା ମନ୍ତବ୍ୟ ଦେଇ କୋର୍ଟ କହିଛନ୍ତି ଯେ ସମାଜର କେତେକ ସ୍ଥାନରେ ଗ୍ରହଣ କରାଯାଇଥିବା ଲିଭ୍-ଇନ୍ ସମ୍ପର୍କ ଏବେ ମଧ୍ୟ ଭାରତୀୟ ସଂସ୍କୃତିରେ ଏକ କଳଙ୍କିତ ହୋଇ ରହିଛି। କାରଣ ଲିଭ୍-ଇନ୍ ସମ୍ପର୍କ ଏକ ଆୟାତିତ ଧାରଣା, ଯାହା ଭାରତୀୟ ରୀତିନୀତିର ପୂରାପୁରି ବିପରିତ। କୋର୍ଟ ଆହୁରି କହିଛନ୍ତି, ଜଣେ ବିବାହିତ ଲୋକଙ୍କ ପାଇଁ ଲିଭ୍-ଇନ୍ ରିଲେସନଶିପ୍‌ରୁ ବାହାରକୁ ଆସିବା ସହଜ। ତେବେ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମିତ ପିଲାମାନଙ୍କ ଦୁଃଖକୁ କୋର୍ଟ ଅଣଦେଖା ପାରିବେ ନାହିଁ। ଏହି ଲିଭ-ଇନ୍ ସମ୍ପର୍କ ଭାରତୀୟ ମାନ୍ୟତା ବିରୋଧୀ ଅଟେ ବୋଲି କୋର୍ଟ କହିଛନ୍ତି।

## ଏନକାଉଣ୍ଟର: ଟଳିଲେ ୧୨ ନକ୍ସଲ

ନୂଆଦିଲ୍ଲୀ: ଛତିଶଗଡ଼ରେ ପୁଣି ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା। ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟର ବେଳେ ପ୍ରାଣ ହରାଇଛନ୍ତି ୧୨ ଜଣ ନକ୍ସଲ। ପ୍ରଥମେ ୮ ଜଣ ନକ୍ସଲ ନିହତ ହୋଇଥିବା ଖବର ମିଳିଥିଲା।

କିନ୍ତୁ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ କହିଛନ୍ତି ଯେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାଣ ହରାଇଥିବା ୧୨ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସେ ସୂଚନା ଦେଇଛନ୍ତି।



ବିଜାପୁର ଜିଲ୍ଲା ଗାଙ୍ଗାଲୁର ପୁଲିସ୍ ଷ୍ଟେସନ ଅଧୀନରେ ଥିବା ପିଡ଼ିଆ ଗାଁ ପାଖରେ ଥିବା ଜଙ୍ଗଲରେ ସୁରକ୍ଷାକର୍ମୀମାନେ ନକ୍ସଲ ବିରୋଧୀ ଅପରେସନ କରୁଥିଲେ। ଏଠାରେ ୩୦ରୁ ୪୦ ଜଣ ନକ୍ସଲ ଥିବା ନେଇ ସୁରକ୍ଷାକର୍ମୀଙ୍କୁ ସୂଚନା ମିଳିଥିଲା। ସେମାନେ ସେଠାରେ କିଛି ଦିନ ହେବ କ୍ୟାମ୍ପ କରି ରହିଥିଲେ।

ଖବର ପାଇବା ପରେ ସୁକମା, ଦାନ୍ତେୱାଡା ଓ ବିଜାପୁର ଭଳି ତିନି ଜିଲ୍ଲାର ପୁଲିସ ସହିତ ଉଜଚରର କୋବ୍ରା ଯବାନମାନେ ମିଳିତ ଭାବେ ଏହି ବଡ଼ ଧରଣର ଅପରେସନ କରିଥିଲେ। ବସ୍ତର ପୁଲିସ୍ ଆଇଜି ସୁନ୍ଦରରାଜ ପି. ଙ୍କ ନେତୃତ୍ୱରେ ଏହି ଅପରେସନ ହୋଇଥିଲା। ସେହିଭଳି ତିନି ଜିଲ୍ଲାର ଝଟଙ୍କ ସମେତ ବସ୍ତର ଉଓଏ ଏହି ଅପରେସନ ଉପରେ ନଜର ରଖିଥିଲେ।

ସୁରକ୍ଷାକର୍ମୀମାନେ ଜଙ୍ଗଲ ଭିତରେ ଆଗକୁ ବଢୁଥିବା ବେଳେ ନକ୍ସଲଙ୍କ ନଜର ସେମାନଙ୍କ ଉପରେ ପଡ଼ିଥିଲା। ସେମାନେ ସୁରକ୍ଷାକର୍ମୀଙ୍କୁ ଦେଖିବା ମାତ୍ରେ ଗୁଳି ମାଡ଼ କରିଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଗୁଳି ବିନିମୟ ବିଳମ୍ବିତ ସନ୍ଧ୍ୟାରେ ଶେଷ ହୋଇଥିଲା।

ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ କହିଛନ୍ତି, “ଗାଙ୍ଗାଲୁର ଅଞ୍ଚଳରେ ଚାଲିଥିବା ଏନକାଉଣ୍ଟର ଶେଷ ହୋଇଛି। ଆମ ସୁରକ୍ଷାକର୍ମୀମାନେ ୧୨ଟି ମୃତଦେହ ଜବତ କରିଛନ୍ତି। ଏବେ ସର୍ଚ୍ଚ ଅପରେସନ ଜାରି ରହିଛି।” ମୁଖ୍ୟମନ୍ତ୍ରୀ ଏହି ସଫଳ ଅପରେସନ ପାଇଁ ସୁରକ୍ଷାକର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୃତ ନକ୍ସଲଙ୍କଠାରୁ ଅତ୍ୟାଧୁନିକ ବନ୍ଧୁକ ସହ ଅନେକ ଅସ୍ତ୍ରଶସ୍ତ୍ର ମିଳିଛି।

ଗତ ଏପ୍ରିଲ ୧୬ ତାରିଖରେ ଛତିଶଗଡ଼ର କାଙ୍କେର ଜିଲ୍ଲାରେ ହୋଇଥିବା ଏନକାଉଣ୍ଟର୍‌ରେ ପ୍ରାଣ ହରାଇଥିଲେ ୨୯ ନକ୍ସଲ। ସେହି ନିହତ ନକ୍ସଲଙ୍କ ମଧ୍ୟରେ ଥିଲେ ସଂଗଠନର ଟପ କମାଣ୍ଡର ଶଙ୍କର ରାଓ। ତା’ ମୁଣ୍ଡରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |



**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News



Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** **ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**